

ନନ୍ଦ କିଶୋରଙ୍କ
ଅଧା ଗୀତି : ଅଧା କବିତା

Source: Author, Digitized by PPRACHIN, SOA

ନନ୍ଦ କିଶୋରଙ୍କ

ଅଧା ଗୀତି : ଅଧା କବିତା

ପ୍ରସ୍ତୁତି ଓ ପରିବେଷଣ

ନନ୍ଦ କିଶୋର ସିଂହ ପଲ୍ଲୀବିକାଶ ସାଂସ୍କୃତିକ ଫାଉଣ୍ଡେସନ୍

ରେ.ନଂ. ୬୭୦୮/୨୦୦୯

କୋରେଇ, ଯାଜପୁର-୭୫୫୦୨୨

Source: Author, Digitized by PPRACHIN, SOA

ଅଧା ଗୀତି ଅଧା କବିତା

ଲେଖକ : ନନ୍ଦ କିଶୋର ସିଂହ

ପ୍ରକାଶ କାଳ : ୨୦୧୭

ପ୍ରକାଶକ : ନନ୍ଦକିଶୋର ସିଂହ ପଲ୍ଲୀବିକାଶ ସାଂସ୍କୃତିକ ଫାଉଣ୍ଡେସନ୍
କୋରେଇ, ଯାଜପୁର

ଅଙ୍ଗସଜ୍ଜା : ଉଦୟ ନାରାୟଣ ଚଇନି

ମୁଦ୍ରଣ : ମହାପାତ୍ର ପ୍ରିଣ୍ଟିଂ ପ୍ରେସ୍, ଖାରବେଳ ନଗର, ଭୁବନେଶ୍ୱର

ମୂଲ୍ୟ : ୭୦/- (ସତୁରୀ ଟଙ୍କା) ମାତ୍ର

Adha Giti Adha Kabita

By : **Nandakishore Singh**

1st. Publication : 2017

Publisher : Nanda Kishore Singh, Palli Bikash, Cultural Foundation, Korai, Jajpur, Pin-755022, Odisha

Layout : **Udaya Narayan Chaini**

Printing : Mohapatra Printing Press Kharavel Nagar, BBSR

Price : 70/- (Seventy only)

Source: Author, Digitized by PPRACHIN, SOA

ପଦେଅଧେ

ଅଧା ଗୀତି ଅଧା କବିତା ପୁସ୍ତକରେ ମୋର ପଚାଶଟି ଗୀତି ଏବଂ ପଚାଶଟି କବିତା ସ୍ଥାନିତ । ଏଗୁଡ଼ିକ ବିଭିନ୍ନ ସମୟରେ ପ୍ରାୟତଃ ପତ୍ର ପତ୍ରିକାରେ ପ୍ରକାଶିତ । ସନ୍ନିବିଷ୍ଟ ଗୀତଗୁଡ଼ିକୁ ପଢ଼ିଲେ କବିତା କବିତା ଲାଗିବ । ସେହିପରି କବିତାଗୁଡ଼ିକୁ ଟିକେ ଗୁଣୁଗୁଣେଇଲେ ଗୀତ ପରି ଲାଗିବ ।

ଅନ୍ୟ କଥାରେ କହିବାକୁ ଗଲେ ଏଥିରେ ସ୍ଥାନିତ ଗୀତି ଓ କବିତା ଭିତରେ ଲକ୍ଷ୍ମଣରେଖା ଖୁବ୍ ଦୁର୍ବଳ । ଉଭୟେ ପରସ୍ପର ପ୍ରତିଯୋଗୀ ନ ହୋଇ ସହଯୋଗୀଭାବେ ସାରସ୍ୱତ ଦାଣ୍ଡରେ ହାତ ଧରାଧରିହୋଇ ଚାଲନ୍ତୁ ଏହା ହିଁ ମୋର ଆଶା ।

ମୁଁ ଉଭୟ ଗୀତି ଓ କବିତା ଲେଖିଥାଏ । ଏଣୁ ଗୀତି ଓ କବିତା ମୋ ବିଚାରରେ ଯମଜ ଭାଇ-ଭଉଣୀ ପରି, ଏଣୁ ଖୁସିରେ ରୁହନ୍ତୁ ଜଗନ୍ନାଥଙ୍କ ପାଖେ ଏତିକି କାମନା । ମୋ କବିତା ଦୁର୍ବୋଧ ନହେଉ ଏବଂ ମୋ ଗୀତି ଅରୁଚିକର ନହେଉ ଏଥିପ୍ରତି ମୁଁ ସର୍ବଦା ଯତ୍ନବାନ ରହିଥାଏ । ଆଶାକରେ ପାଠକ ମଧ୍ୟ ଏହାକୁ ପଢ଼ିବାପରେ ମୋ ସହ ଏକମତ ହେବେ ।

ବହିଟିର ପରିକଳ୍ପନା ସେ ବଂଚିଥିବା ବେଳେ କରାଯାଇଥିଲା । ଆଜି ସେ ପରପାରିରେ ।

ଏଣୁ ଏ ପୁସ୍ତକଟି ସହଧର୍ମିଣୀ **ସୁରବାଳା** ଙ୍କ ଉଦ୍ଦେଶ୍ୟରେ ସମର୍ପିତ ।

- ନନ୍ଦ କିଶୋର

Source: Author, Digitized by PPRACHIN, SOA

ଗୀତିର ସୂଚୀ

କ୍ରମ	ସୃଷ୍ଟି	ପୃଷ୍ଠା
୧.	ସୂର୍ଯ୍ୟ ହେ ତୁମ ପହିଲୁ କୀରଣ...	୭
୨.	ମୁଁ ଯେ ଆଲୋକର ଝଡ଼	୮
୩.	କିଏ ସେ ଗଢ଼ିଲା ଶିଳାର କୋଣାରକ	୯
୪.	ପ୍ରିୟା ଯେ ମୋର ପ୍ରଣୟ ମନ୍ଦିରେ...	୧୦
୫.	କେତେ ପରାଜୟ ବରି ତୁମେ ଅପରାଜିତା	୧୧
୬.	ଫଗୁଣକୁ ଡାକିଲେ ସେ ଆସିବ	୧୨
୭.	ତୁମେତ ଛଡ଼େଇ ନେଇ...	୧୩
୮.	ବଡ଼ ଅମାନିଆ ଏଇ ଯଉବନ...	୧୪
୯.	ଭଲ ପାଇବା ବାଟରେ ଅଛି ଲୁହ ହସ	୧୫
୧୦.	ସବୁ ହସ ମାନେ ନୁହ...	୧୬
୧୧.	ରାତି ସରି ଆସେ ସକାଳ ଅଳପବାକୀ	୧୭
୧୨.	ମିଳନ୍ତା କି ମୋତେ ସେଇ ପ୍ରେମ	୧୮
୧୩.	ପ୍ରୀତିର ଫଗୁଣ ହବେ ଅପବାଦ ଝଡ଼େ	୧୯
୧୪.	ପ୍ରେମପଥେ ପଥେ ଯାଉ ଯାଉଦିନେ	୨୦
୧୫.	ଶିଳ୍ପୀ ହେ ତୁମେ କୋଣାର୍କ ପିତୁଳିଟିଏ	୨୧
୧୬.	ଯିଏ ପେଇଦିଏ ମହୁ ଆଉ ମହୁରା...	୨୨
୧୭.	ଯେତେ ଯେତେ ବଢ଼ୁଛି ଦେହର ବୟସ	୨୩
୧୮.	ଅପରାଧୀ ଅପରାଧ ମାନୁଛି	୨୪
୧୯.	ଯେଉଁ ଗୀତ କେବେ ଗାଇ ହେବ ନାହିଁ	୨୫
୨୦.	ଗପତ ପଢ଼ିବା ପାଇଁ ...	୨୬
୨୧,	ଯେଉଁଠି ଅଧିକ ଲାଜ ଆଉ ବେଶୀ ଡରଡର	୨୭
୨୨.	ଏଇ ରାସ୍ତାରେ...	୨୮
୨୩.	ଏଇ ବର୍ଷା ପଢ଼ାଉଛି କେତେ ପ୍ରେମ ପାଠ	୨୯
୨୪.	ବର୍ଷା ଆସେ ଝରିଝରି	୩୦
୨୫.	ମଧୁଶାଳା...ତିମିର ତୀର୍ଥ	୩୧
୨୬.	ହାଏରେ ବହୁରୂପି ଆକାଶ...	୩୨
୨୭.	ଝରାବେଳେ ମନଧାର୍ଯ୍ୟ ଗଢ଼ିଲିଅ...	୩୩
୨୮.	ବଂଇଶୀରେ ବଇଁଶୀ...	୩୪
୨୯.	ହସିହସି ଜିତିବାକୁ କିଏ ନ ଚାହେଁ...	୩୫
୩୦.	ଅନେକ ନିରାଶା ଅଂଧାର ଭିତରେ	୩୬
୩୧.	ଅନେକ ଲେଖିଲୁ ଦେଖି...	୩୭
୩୨.	ଦେହଠୁ ଦେହ ଦୂରତା	୩୮
୩୩.	ତୁମରି ପ୍ରଣୟ ମଧୁରିମା ମୋତେ...	୩୯
୩୪.	ତୁମେ ଆସିଲେ ଲାଗୁଛି	୪୦
୩୫.	କେମିତିକା ସିଏ ସତେ...	୪୧
୩୬.	ଜଟିଳତା ମନତଳେ ମାନାକରେ ପାରେତି	୪୨
୩୭.	ଜୀବନଟା ଚାଲିଗଲେ...ଏ ଶରୀର ମାଟି	୪୩
୩୮.	ଯମୁନାର କୂଳେ କୂଳେ...	୪୪
୩୯.	ଶାଗୁଆ ସକାଳ ଦେଇଥିଲା ବଂଧୁ ...	୪୫
୪୦.	କାହ୍ନୁ କରୁଥିଲେ ମନଚୋରି	୪୬
୪୧.	ଏଇ ଶୀତ ବଡ଼ ଦୁଷ୍ଟ	୪୭
୪୨.	ଆଶାରେ ଭାଷାରେ କଥାରେ...	୪୮
୪୩.	ନାଆଁ ତାର ନିରବତା	୪୯
୪୪.	ଯେଉଁଠି ଆଖିର ଭିଡ଼ ରୂପ କେତେ...	୫୦
୪୫.	ପାହାଡ଼ୀ ଝରଣା ନଈ ହୋଇଯାଏ...	୫୧
୪୬.	ଅନେକ ମୁଁ ଲେଖିଗଲି ଗୀତିକା	୫୨
୪୭.	ମନୁଆଁ ଜହ୍ନଟା ଯେବେ ଚୋରିକଲା..	୫୩
୪୮.	ଅନେକ ଫୁଲର ଦିନ ଅନେକ ...	୫୪
୪୯.	ଦିନେ ଯେଉଁଠାରେ ଥିଲା ଗୋଲାପ...	୫୫
୫୦.	ମନ୍ଦିର ବେଢାରେ ଜଳେଇ ମାଟିର ଦୀପ	୫୬

Source: Author, Digitized by PPRACHIN, SOA

କବିତାର ସୂଚୀ

କ୍ରମ	ସୃଷ୍ଟି	ପୃଷ୍ଠା
୧.	ବୁଝ ଏବେ ବଂଧୁ	୫୮
୨.	ବ୍ୟତିକ୍ରମ	୫୯
୩.	ପ୍ରେମିକାଙ୍କୁ	୬୦
୪.	ଜୟଦେବ	୬୧
୫.	ନାରୀ	୬୨
୬.	ତୁ ତ ଗୋଟେ...	୬୩
୭.	ନିରପେକ୍ଷ	୬୪
୮.	କବିତା	୬୫
୯.	ଅଚିନ୍ତାରେ ଚିନ୍ତା	୬୬
୧୦.	ଦୁଇଟି ନଦୀର କଥା	୬୭
୧୧.	ଦ୍ୱିତୀୟ ଈଶ୍ୱର	୬୮
୧୨.	କ୍ଷୁଦ୍ରର ମହତ୍ୱ	୬୯
୧୩.	ଦୁଇଟି ଛୋଟ କବିତା	୭୦
୧୪.	ତୃମା	୭୧
୧୫.	ଜୀବନ ଆସୁଛି ସରି	୭୨
୧୬.	ଅନେକରେ ଏକ...	୭୩
୧୭.	କବିତାକୁ ନେଇ କବିତା	୭୪
୧୮.	ବର୍ଷା	୭୫
୧୯.	ଦୁଇଟି ଛୋଟ କବିତା	୭୬
୨୦.	ନ ରଖରେ ଭେଦଭାବ	୭୭
୨୧.	କୁରୁକ୍ଷେତ୍ର ଆଜି ପ୍ରତିକ୍ଷେତ୍ର	୭୮
୨୨.	ପ୍ରେମ ଋତୁ	୭୯
୨୩.	ଅମୃତମୟ ବିଷ	୮୦
୨୪.	ଦ୍ୱୈତ	୮୧
୨୫.	ତିନିଟି ଏକପଦି	୮୨
୨୬.	ଦୁଇଟି ଦୁଇଁ କବିତା	୮୩
୨୭.	ଦୁଇଟି ଛୋଟ କବିତା	୮୪
୨୮.	ଜୀବନର ଗୀତା ପାଠ	୮୫
୨୯.	ବିରହ	୮୬
୩୦.	ଅଂଧ ହେବା ପରେ...	୮୭
୩୧.	ଦୁଇଟି ମିନି କବିତା	୮୮
୩୨.	ବର୍ଣ୍ଣବୋଧ-ବଂଚିବାର	୮୯
୩୩.	ଡାଏରି: ସାଏରି	୯୦
୩୪.	ଦୁଇଟି ମିଥ୍ର କବିତା	୯୧
୩୫.	ନିଆରା	୯୩
୩୬.	ଚିତ୍ରିତ ପୃଥିବୀ	୯୪
୩୭.	ସଂସାର ନାଟ	୯୫
୩୮.	କବିତାର କଥା	୯୬
୩୯.	ତିନିଟି ଏକ ପଦି	୯୭
୪୦.	ଛାତି ତଳ	୯୮
୪୧.	ଦୁଇଟି କୁନି କବିତା	୯୯
୪୨.	ସେ ଯେ ମୋର ପ୍ରାଚୀ	୧୦୦
୪୩.	କେତୋଟି ଟିକି କବିତା	୧୦୧
୪୪.	କେତୋଟି ଏକପଦୀ	୧୦୨
୪୫.	ଦୁଇଟି କ୍ଷୁଦ୍ର କବିତା	୧୦୩
୪୬.	କେତୋଟି ଏକପଦି କବିତା	୧୦୪
୪୭.	ବସନ୍ତ ମୋ ପାଇଁ ବୈଶାଖି ଉତ୍ତାପ	୧୦୫
୪୮.	ଶ୍ରବଣ କୁମାର	୧୦୬
୪୯.	ତୁମେ ଅଛ: ତୁମେ ନାହଁ	୧୦୭
୫୦.	ପ୍ରଣମାମି ମାତୃଗର୍ଭ	୧୦୮

Source: Author, Digitized by PPRACHIN, SOA

ଗୀତି

Source: Author, Digitized by PPRACHIN, SOA

ସୂର୍ଯ୍ୟ ହେ ତୁମ ପହିଲୁ କୀରଣ...

ସୂର୍ଯ୍ୟ ହେ ତୁମ ପହିଲୁ କୀରଣ ଦୁର୍ବାଦଳେ ଝଲେ ମୋତି
ସେ କୀରଣ କିଆଁ କୁମୁଦ ଅନ୍ତରେ ଭରେ ବିରହର ତାତି
କୁହ ! ଇଯେ କେଉଁ ତୁମ ରୀତି ॥

ସୂର୍ଯ୍ୟ ହେ ତୁମେ ଚନ୍ଦ୍ରଭାଗାର ତୀରେ ତୀରେ ଝଲମଲ
ସାହାରା ମରୁରେ ମରୁପଥିକରେ କର କିଆଁ କଲବଲ
ପଦ୍ମ ବନରେ ଅଭିସାର ରତ ଦୁଃଖେ ଝୁରେ ଚକ୍ର ବାକୀ
କୁହ ! ଇଯେ କେଉଁ ତୁମ ରୀତି ॥୧॥

ସୂର୍ଯ୍ୟ ହେ ତୁମେ ରଘୁକୁଳ ପାଇଁ ଗୌରବ ତିଳକ ସାଜ
ସୌର କଳଙ୍କ ସେନାନୀର ବଳେ ଚୁମ୍ବକୀୟ ଝଡ଼ ସାଜ
ବିଷୁବ ବଳୟେ ଭୀମ ଭଇରବ ମେରୁସ୍ଥଳେ ଶାନ୍ତ କାନ୍ତି
କୁହ ! ଇଯେ କେଉଁ ତୁମ ରୀତି ॥୨॥

❑❑

ରଚନା କାଳ ୨।୧୦।୧୧
ପ୍ରକାଶିତ 'ପରାଗ' ପୂଜା-୨୦୧୨

Source: Author, Digitized by PPRACHIN, SOA

ମୁଁ ଯେ ଆଲୋକର ଝଡ଼

ମୁଁ ଯେ ଆଲୋକର ଏକ ଝଡ଼
ସୋହାଗ ଚନ୍ଦ୍ରିକା ମଧୁମଖା ମୁଁ ଯେ
ସ୍ୱପ୍ନ ପୀୟୂଷ ଝର ॥

ବୁଦ୍ଧଂ ଶରଣଂ ଭାଷାରେ ଭାଷାରେ ମୁଁ ଏକ ଅମର ବେଣୁ
ଯମୁନାର କୂଳ ତମାଳ ନୀଳରେ ମର୍ମର ରୁଣୁ ଝୁଣୁ
ସରଳ ଶିଶୁର ଚପଳ ଅଧରୁ କୁଳୁ କୁଳୁ ହସ ଧାର ॥୧॥

ପହିଲୁ ଉଷାର ଆବାହନୀ ସୁରେ ମୁଁ ଗାଏ ମଂଗଳ ଗୀତି
ମଧୁ ବାସରର ବଧୂ ଅଗମନେ ମୁଁ ତ ସେଇ ଶୁଭତିଥି
ବନ୍ଦୀ ଶାଳାରେ ଅଷ୍ଟମ ଗର୍ଭୁ ମୁଁ ଯେ କୁଆଁ କୁଆଁ ସୁର ॥୨॥

❑❑

ପ୍ରକାଶିତ 'ଝଂକାର' ଡ଼ିସେମ୍ବର-୧୯୭୭

Source: Author, Digitized by PPRACHIN, SOA

କିଏ ସେ ଗଢ଼ିଲା ଶିଳାର କୋଣାରକ

କିଏ ସେ ଗଢ଼ିଲା ଦିନେ ଶିଳାର କୋଣାରକ
ମୁଁ ଆଜି ଗଢୁଛି ମୋର ଏ ରକ୍ତରେ ପ୍ରେମର କୋଣାରକ ।

କୋଣାର୍କ ଯାଇଛି ଭାଂଗି ଝାଉଁବଣେ ଝୁରିଝୁରି
ମୋ ପ୍ରେମର କୋଣାରକ ମୋ ଜୁଇରେ ଯାଏ ଜଳି
ତଥାପି ଶିଖାରେ ମୁଖଶାଳା ପରି ଝଲସେ ମୋ
ପ୍ରିୟାର ସୀମନ୍ତ ॥୧॥

କୋଣାର୍କ ବିଜନେ କାନ୍ଦେ ଲୁହଢ଼ାଳି ଲହଡ଼ିରେ
ମୋ ପ୍ରେମ ଯମୁନା ଝରେ ମୋ ଆଖିର ଲୁହଧାରେ
ତଥାପି ଲୁହରେ ରକ୍ତ ପଦ୍ମ ପରି ଝଲସେ ମୋ
ପ୍ରିୟାର ଚିବୁକ ॥୨॥

ପ୍ରକାଶିତ : 'ବର୍ତ୍ତିକା' ନବବର୍ଷ ଓ ମକର ସଂଖ୍ୟା- ୨୦୦୩

Source: Author, Digitized by PPRACHIN, SOA

ପ୍ରିୟା ଯେ ମୋର ପ୍ରଣୟ ମନ୍ଦିରେ...

ପ୍ରିୟା ଯେ ମୋର ପ୍ରଣୟ ମନ୍ଦିରେ ସାଧନା ଦେବଦାସୀ
ପ୍ରିୟା ଯେ ମୋର ଯଉବନ ତୀର୍ଥେ କାମନା ପୂର୍ଣ୍ୟକାଶୀ

ପ୍ରିୟା ଯେ ମୋର ଜୀବନ ବସନ୍ତେ ରଂଗୀନ କୃଷ୍ଣଚୂଡ଼ା
ପ୍ରିୟା ଯେ ମୋର ଉଷର ବୁକୁରେ ଆଶାର ଫଲ୍ଗୁଧାରା
ପ୍ରିୟା ଯେ ମୋର ହୃଦୟ ଆକାଶେ ମିଳନ ପୂର୍ଣ୍ଣ ଶଶୀ ॥୧॥

ପ୍ରିୟା ଯେ ମୋର ମୁଦା ନୟନେ ସ୍ୱପ୍ନର ଫୁଲ ଝରି
ପ୍ରିୟା ଯେ ମୋର ଗଭୀର ନିଶିଥେ ରୂପସୀ ନୀଳପରୀ
ପ୍ରିୟା ଯେ ମୋର ଶ୍ରାବଣ ବାସରେ କୁନ୍ତଳା ଘନକେଶୀ ॥

❑❑

ପ୍ରକାଶିତ- 'ସଂପୂର୍ଣ୍ଣା' ଜାନୁୟାରୀ-ମାର୍ଚ୍ଚ- ୨୦୦୫

Source: Author, Digitized by PPRACHIN, SOA

କେତେ ପରାଜୟ ବରି ତୁମେ ଅପରାଜିତା

କେତେ ପରାଜୟ ବରି ତୁମେ ଅପରାଜିତା
କେତେ ପରିଚୟ ପରେ ତୁମେ ଅପରିଚିତା ॥

କଥା ତୁମେ କୁହନାଗୋ ରଚିଯାଅ ଗୀତିକା
ତୁଳିକାରେ ସାଜିଦିଅ ରଂଗ ଝରା ଲିପିକା
ଅନେକ ବାସର ପରେ ତୁମେ ଅଭିସାରିକା ॥୧॥

କେତେଯେ ବସନ୍ତ ପରେ ତୁମେ ରାଜ ପୁଷ୍ପିତା
କେତେ ଆଷାଢ଼ ଆକାଶେ ତୁମେ ସାଜ ବଳାକା
କେତେ ମନେ ଗାର ଟାଣି ବୁଝିଲନି ମମତା ॥୨॥

❑❑

ପ୍ରକାଶିତ 'ସମାରୋହ' ପୂଜାସଂଖ୍ୟା- ୨୦୦୫

Source: Author, Digitized by PPRACHIN, SOA

ଫଗୁଣକୁ ଡାକିଲେ ସେ ଆସିବ

ଫଗୁଣକୁ ଡାକିଲେ ସେ ଆସିବ
ଶ୍ରାବଣକୁ ଡାକିଲେ ବି ଆସିବ
ହେଲେ...ଜାଣିଛି ମୁଁ ତୁମକୁ ଡାକିଲ ଯେତେ
ଆସିବ ନାହିଁ
ଅଭିମାନ କରି କାହିଁ ଗଲ ଦୂରେଇ ॥

ଜହ୍ନକୁ ମାଗିଲେ ତାର ଜୋଛନା ଦେବ
ସୂର୍ଯ୍ୟକୁ ମାଗିଲେ ତାର କୀରଣ ଦେବ
ହେଲେ...ଜାଣିଛି ମୁଁ ତୁମକୁ ମାଗିଲେ କିଛି
ମିଳିବ ନାହିଁ
ଆଉ ତୁମପାଖେ କିଛି ଦେବାର ନାହିଁ ॥୧॥

ରାତିକୁ ଖୋଜିଲେ ତାର ଅଂଧାର ଦେବ
ନିଦକୁ ହେଜିଲେ ତାର ସପନ ଦେବ
ହେଲେ... ଜାଣିଛି ମୁଁ ତୁମକୁ ଖୋଜିଲେ ଯେତେ
ମିଳିବ ନାହିଁ
ହଜିଲା ଦରବ ଆଉ ମିଳିବ କାହିଁ ॥୨॥

ରଚନା କାଳ- ୨୬/୪/୧୭

Source: Author, Digitized by PPRACHIN, SOA

ତୁମେତ ଛଡ଼େଇ ନେଲ...

ତୁମେତ ଛଡେଇ ନେଲ ହାତରୁ ମୋ ତୁଳିକା
କେମିତି ଆଂକିବି ଛବି ଲେଖିବି ପ୍ରୀତି ଲିପିକା ॥

ତୁମେଥିଲ ଫଗୁଣ ମୋ ତୁମେ ଥିଲ ଶ୍ରାବଣ
ତୁମେଥିଲ ଭରସା ମୋ ତୁମେ ଆଶା କୀରଣ ॥

ଏବେ ମୋ ମନ ଆକାଶେ ନାହିଁ ଏକ ତାରକା
ଛାଇଯାଏ ଅଂଧକାର ଲିଭିଆସେ ପରାଣ ଦୀପିକା
ହାଏ ଆଜି...ମୁଁ ଏକା ଏକା ॥୧॥

ମୋ ଅଂଗନେ ନାହିଁ ଆଜି ନିଶିଗଂଧା ମହକ
ଆଖିରେ ନାହିଁ ମୋ ନିଦ ହଜେ ସ୍ୱପ୍ନ ପୁଲକ
ଜୀବନଟା ହା ହା କାର ଖାଁ-ଖାଁ ଇଲାକା
ମଉଳା ମନ ବଗିଚା ଝରିଗଲେ କଳିକା
ହାଏ ଆଜି...ମୁଁ ଏକା ଏକା ॥୨॥

❑❑

ରଚନା କାଳ ୩୦/୩/୧୭

Source: Author, Digitized by PPRACHIN, SOA

ବଡ଼ ଅମାନିଆ ଏଇ ଯଉବନ...

ବଡ ଅମାନିଆ ଏଇ ଯଉବନ ଖରାବେଳ
ବୁହାଇ ଦେଇଛି କେତେ ସରମୀ ରେଶମୀ ଝାଳ ॥

ଚାଲିବା ବାଟରେ କେତେ ଝୁଣ୍ଟିବା ହେଉଛି ସାର
ମଥାରେ ଆଂକି ଦେଇଛି କଳଙ୍କର କେତେଗାର
ଅତଡ଼ା ଖାଉଛି କେତେ ସମୟ ନଈର ଧାର ॥୧॥

ମନ ତ ଚାହୁଁଛି ସେଇ ଜହ୍ନରାତି ଅଂଧକାର
ଧୂଉ ଧୂଉ ବାଲୁଚ଼ରେ ମୁଠା ମୁଠା ଫଗୁଖେଳ
ଚାହାଣି ଛଟକ ଦେଖି ଆଖି ଲାଜ ଢରଢର ॥୨॥

❑❑

ରଚନା କାଳ ୧୮/୧/୧୭

Source: Author, Digitized by PPRACHIN, SOA

ଭଲ ପାଇବା ବାଟରେ ଅଛି ଲୁହ ହସ

ଭଲ ପାଇବାରେ ଅଛି ଯେତେ ଲୁହ ସେତେ ହସ
ଭଲ ପାଇବାରେ ଥାଏ ଅମୃତ ଆଉ ବିଷ ॥

ଭଲ ପାଇବା ବାଟରେ ଯେତେ କଣ୍ଟା ସେତେ ଫୁଲ
କେବେ ଭେଟ ଦରିଆ ତ କେବେ ମରୁ ବାଲୁଚର
ଭଲ ପାଇବାରୁ ମିଳେ କେବେ ନିନ୍ଦା କେବେ ଯଶ ॥୧॥

ଭଲ ପାଇବା ଋତୁରେ କେବେ ତାତି କେବେ ଶୀତ
ଭଲ ପାଇବାକୁ ନେଇ ଲେଖା କେତେ ଗପ ଗୀତ
ଭଲ ପାଇବାରେ ଭରା କେବେ ମହୁ କେବେ ଶୋଷ ॥୨॥

ରଚନା କାଳ - ୨୭/୧/୧୭

Source: Author, Digitized by PPRACHIN, SOA

ସବୁ ହସ ମାନେ ନୁହ...

ସବୁ ହସ ମାନେ ନୁହ ଫଗୁଣ
ସବୁ ଲୁହ ମାନେ ନୁହ ଶ୍ରାବଣ
ହସ-ଲୁହ ବୁଝିବାକୁ ଆପେକ୍ଷା କରିବାକୁ ହୁଏ
ଜନମଠୁ ମରଣ ॥

ସବୁରାତି ମାନେ ନୁହଁ ଅଂଧାର
ସବୁ ଫୁଲ ଭେଟେନା ବି ଭଅଁର
ଅଂଧାରକୁ ବୁଝିବାକୁ
ଭଅଁରକୁ ଭେଟିବାକୁ
ଅପେକ୍ଷା କରିବାକୁ ହୁଏ ସେଇ ଶୁଭ ଲଗନ ॥୧॥

ସବୁ ନଦୀ ପାଏ ନାହିଁ ସାଗର
ସବୁ ଦୀପ ଜାଳେ ନାହିଁ ଜାଗର
ସାଗରକୁ ପାଇବାକୁ
ଜାଗରରେ ଜଳିବାକୁ
ଅପେକ୍ଷା କରିବାକୁ ହୁଏ ସେଇ ମଧୁ ଲଗନ ॥୨॥

❑❑

ରଚନା କାଳ ୬/୩/୧୬
ଗୀତିକବି ସମାଜ ସ୍ମରଣିକାରେ ସ୍ଥାନିତ- ୨୦୧୬

Source: Author, Digitized by PPRACHIN, SOA

ରାତି ସରି ଆସେ ସକାଳ ଅଳପବାକୀ

ରାତି ଏଇ ସରିଆସେ ସକାଳ ହେବାକୁ ଅଳପ ବାକୀ
ନିଦ ଏଇ ଭାଂଗିଆସେ ସପନ ସରିବା ଅଳପ ବାକୀ ॥
ସୂରୁଯ ଉଠିବ ପଦ୍ମ ଫୁଟିବ
ଜହ୍ନ ହଜିବ କଇଁ ମଉଳିବ
ଆକାଶ ବେଦୀରୁ ତରାଫୁଲ ଝରା ରହିଛି ଅଳପ ବାକୀ
ଦୁବ ଘାସ ପରେ ଶିଶିର ମୁକୁତା ଫୁଟିବା ଅଳପ ବାକୀ ॥୧॥

ପ୍ରିୟାର ଓଠରେ ରୋଷର ରୋଷଣି
ପ୍ରେମିକା ଛାତିରେ ପ୍ରୀତିର ଉଜାଣି
ପ୍ରଣୟ ପୋଥିରୁ ଖୁସି ଖୁସି ଗୀତ ଶୁଣିବା ଅଳପ ବାକୀ
ଦୁନିଆ ଦାଣ୍ଡରୁ ମିଠା ମିଠା ସ୍ମୃତି ସାଉଁଟା ଅଳପ ବାକୀ ॥୨॥

❑❑

ରଚନା କାଳ ୧୨/୪/୧୬

Source: Author, Digitized by PPRACHIN, SOA

ମିଳନ୍ତା କି ମୋତେ ସେଇ ପ୍ରେମ

ମିଳନ୍ତାକି ମୋତେ ସେଇ ସୁଧା ବୋଳା ପ୍ରେମ
ରାଧାକୃଷ୍ଣ ମିଳନରେ ଭରା ଯେଉଁପ୍ରେମ ॥

ସେ ପ୍ରେମେ ବିରହ ଯାହା ମିଳନ ବି ତାହା
ଦେହରୁ ବିଦେହ ପୁଣି ଛୁଆଁରୁ ଅଛୁଆଁ
ସେ ପ୍ରେମର ଅନୁଭବ ଚିରନ୍ତନ ନୂତନ ॥୧॥

ସେ ପ୍ରେମରେ ହସ ଲୁହ ଥାଏ ମିଶାମିଶି
ସେ ପ୍ରେମ ଆଲୋକ ଢାଳେ ସୂର୍ଯ୍ୟ ତାରା ଶଶୀ
ସେ ପ୍ରେମ ପୁଲକ ଆହା ଝର ଅମଳିନ ॥୨॥

❑❑

ପ୍ରକାଶିତ- 'ଝଙ୍କାର', ସେପ୍ଟମ୍ବର-୨୦୧୦

Source: Author, Digitized by PPRACHIN, SOA

ପ୍ରୀତିର ଫଗୁଣ ହଜେ ଅପବାଦ ଝଡ଼େ

ପ୍ରୀତିର ଅନେକ ଫଗୁଣ ହଜଇ
ଏକ ଅପବାଦ ଝଡରେ
ଯେମିତି ଏକ ଅମୃତ କଳସ
ସରିଯାଏ ଟୋପେ ଗରଳେ ॥

ଜୀବନ ବାଟରେ କେବେ ଫୁଲଫୁଟା ଚହଟ ଚାନ୍ଦିନୀ ରାତି
ବାଉଳା ପବନ ଶିରିଶିରି ସ୍ୱରେ ଗାଇଯାଏ ମଧୁଗୀତି
ସେ ଗୀତିରେ ଯଦି ଲୁହଢାଳେ ଆଖି ଚିରିଯାଏକାର ଛାତି
ସନ୍ଦେହର ନିଆଁ କୁହୁଳେ...।
ପ୍ରୀତିର ଅନେକ ଫଗୁଣ...॥୧॥

ସୁନୀଳ ସାଗରେ ସୁନ୍ଦର ବୋଇତ ଭାସି ଭାସିଯାଏ ଦୂରକୁ
ସେ ବୋଇତ ଯଦି ଦସ୍ୟୁ କବଳେ ଲୁଣ୍ଠିତ କରେ ନିଜକୁ
ଦରିଆ ସେପାରି ସପନ ନଗରୀ ହୁଏ ଆହା ହତଶ୍ରୀରି
ଗୁମୁରେ କୋହର ଗହଳେ...
ଯେମିତି ଏକ ଅମୃତ କଳସ...॥୨॥

❑❑

ପ୍ରକାଶିତ- 'ସାବିତ୍ରୀ' ପୂଜାସଂଖ୍ୟା-୨୦୧୦

Source: Author, Digitized by PPRACHIN, SOA

ପ୍ରେମ ପଥେ ପଥେ ଯାଉ ଯାଉଦିନେ

ପ୍ରେମ ପଥେ ପଥେ ଯାଉ ଯାଉ ଦିନେ ପ୍ରେମିକାର ଦେଖାହେଲା
ସେ କହିଲା ମୋତେ ପାନ୍ଥଶାଳା ଛାଡ଼ି ଆସଯିବା ମଧୁଶାଳା ॥
ସପନର ପଥେ ଯାଉ ଯାଉ ଦିନେ ମାନସୀ ମୋ ଦେଖାହେଲା
ସେ କହିଲା ମୋତେ ହାତେ ହାତଧରି ଚାଲଯିବା ରଂଗଶାଳା ॥

ଚଲାପଥ ପଥେ ଯାଉ ଯାଉ ଦିନେ ପଥୁକୀଟି ଦେଖିଦେଲା
ସେ କହିଲା ମୋତେ ଆସ ମୋର ସାଥେ ଅଦୂରରେ ପାନ୍ଥଶାଳା
ଆକାଶର ପଥେ ଯାଉ ଯାଉ ଦିନେ ପରୀଟିଏ ଭେଟ ହେଲା
ସେ କହିଲା ମୋତେ ଡେଣାରେ ବସାଇ ଦେଖାଇବ ଚିତ୍ରଶାଳା ।
ଜୀବନର ପଥେ ଯାଉ ଯାଉ ଦିନେ ପ୍ରିୟା ସାଥେ ଦେଖାହେଲା
ସେ କହିଲା ମୋତେ ଚାଲ ଦୁହେଁ ଯିବା ଜୀବନର କର୍ମଶାଳା ॥
ଭୁଲିଯାଅ ମଧୁଶାଳା
କିଆଁ ଯିବ ପାନ୍ଥଶାଳା
ସବୁଠୁ ମଧୁର ସବୁଠୁ ସୁନ୍ଦର ଦୁନିଆର ଯୋଗ ଶାଳା ॥

❑❑

ରଚନାକାଳ- ୩୧/୭/୧୪

Source: Author, Digitized by PPRACHIN, SOA

ଶିଳ୍ପୀ ହେ ତୁମ କୋଣାର୍କ ଦେହରେ ମୁଁ ପିତୁଳିଟିଏ

ଶିଳ୍ପୀ ହେ ତୁମ କୋଣାର୍କ ଦେହରେ ମୁଁ ତ ପିତୁଳିଟିଏ
ଜୋଛନା ପରଶେ ଜୀବନ୍ୟାସ ପାଇ ମନମୋର ମାତିଯାଏ
କହେ ଖାଲି ଭଲପାଏ- ଭଲପାଏ ଭଲପାଏ ॥

ଝାଉଁବଣର ସେ ସବୁଜମାୟାରେ ଆଖି ଯେବେ ରହେ ଲାଖି
ବାଲୁକା ଶେଯର ବାଲି ହରିଣର ଛଇଳ ନୃତ୍ୟ ଦେଖି
ଛାତି ତଳେ ମୋର କେତେ କାମନାର କଦମ୍ବ ଫୁଟିଯାଏ
ହାଏ- ପ୍ରୀତିର ଗଜଲ ଗାଏ ॥୧॥

ଦୂର ବନାନୀର ମର୍ମର ସୁରେ ବନପକ୍ଷୀ ମଧୁଗୀତି
ବିଜନ ବେଳାର ଛାଇ ଆଲୁଅରେ ଜାଗିଉଠେ କେତେସ୍ମୃତି
ନିଠୁର ଶିଳପୀ ନିହାଣ ମୁନରେ ଦେଲ ମୋତେ ରୂପଟିଏ
ହାଏ-ତୁମ ପ୍ରେମ ଝୁରିହୁଏ ॥୨॥

❑❑

ରଚନାକାଳ- ୧୭/୭/୧୫

Source: Author, Digitized by PPRACHIN, SOA

ଯିଏ ପେଇଦିଏ ମହୁ ଆଉ ମହୁରା...

ଯିଏ ପେଇଦିଏ ମହୁ କେବେ ପୁଣି ମହୁରା
କେବେ ଫୁଲ ଭରା ପୁଣି କେବେ କଣ୍ଟା ଘେରା
ହାଏରେ ପ୍ରେମିକା ହାଏ ତୋ ପ୍ରେମ ପସରା ॥

ତାର ସାଥେ ମଧୁରାତି କେବେ ଘନ ଅଂଧାର
କେବେତ ଜୋଛନା ଭରା
ତାର କଣ୍ଠୁ ଝରାଗୀତି କେବେ ଲାଗେ ମିଠା ମିଠା
କେବେତ ଲୋତକ ଭରା ।
ହାଏରେ ପ୍ରେମିକା ସିଏ ହାଏତା ପ୍ରେମ ପସରା ॥୧॥

ତାର ଛାତିତଳ ତାତି କେବେ କାଳ ବଇଶାଖି
କେବେତ ଫଗୁଣଝରା
ତା ପ୍ରୀତି ପହିଲି ଛୁଆଁ ସୂନେଲି ସପନ ବୋଳା
କେବେ ହତାଶା ସାହାରା
ହାଏରେ ପ୍ରେମିକା ସିଏ ହାଏତା ପ୍ରେମ ପସରା ॥୨॥

ରଚନା କାଳ ୧୪/୧୦/୧୪

Source: Author, Digitized by PPRACHIN, SOA

ଯେତେ ଯେତେ ବଢୁଛି ଦେହର ବୟସ

ଯେତେ ଯେତେ ବଢୁଛି ଏ ଦେହର ବୟସ
ସେତେ ସେତେ ମନ ହୁଏ ଖିଆଲି
ଯେତେ ଯେତେ ଘେରୁ ଅଛି ଦେହ ପାଇଁ ଅଂଧାର
ସେତେସେତେ ମନେ ଜାଳେ ଦିଆଲି ॥

କଣ୍ଟାର ଆଘାତ ଯେତେ ସେତେ ଖୋଜେ ସୁରଭି
କ୍ଳାନ୍ତ ବୀଣାର ସୁର ଖୋଜେ ଛନ୍ଦ ପୁରବି
ଯେତେ ଯେତେ ଆଖିରେ ମୋ ଘେରେ ନିଦ ମହୁଲି
ସେତେ ସେତେ ସପନର ଟାହୁଲି ॥୧॥

ଥକାପାଦ ଆଗକୁ ତ ଯିବା ପାଇଁ ଆକୁଳ
ଆସୁ ଝଡ଼ ଆସୁ ଝନ୍‌ଝା ଆସୁ ମରୁ କାନ୍ତାର
ଯେତେଯେତେ ଜୀବନରେ ଆଶା ଆସେ ମଉଳି
ସେତେସେତେ ଭାବନା ମୋ ଛଇଳି ॥୨॥

❑❑

ପ୍ରକାଶିତ 'ଶ୍ୱେତ ସଂକେତ' ପୂଜା-୨୦୧୫

Source: Author, Digitized by PPRACHIN, SOA

ଅପରାଧୀ ଅପରାଧ ମାନୁଛି

ଅପରାଧ କରି ମୁଁ ଗୋ ଅପରାଧ ମାନୁଛି
ଦୁନିଆ ଆଖିରେ ତୁମ ଅପରାଧୀ ସାଜିଛି ॥

ତୁମରି ମନରେ ମୋତେ ବନ୍ଦୀ କରି ରଖିବ
ତୁମରି ଆଖିର ନିଆଁ ମୋତେ ଖାଲି ଜାଳିବ
ଅପରାଧୀ ଦୋଷ ପାଇଁ ଏଇ ଦଣ୍ଡ ମାଗୁଛି ॥୧॥

ତୁମରି ପାଦ ନୂପୁର ହାତେ ମୋର ଜଂଜିର
ତୁମରି ପ୍ରଣୟ ପେଡ ମୋତେ ମିଠା ଜହର
ସେଇ ବିଷ ପିଇ ମୁଁ ଗୋ ମରିବାକୁ ଚାହୁଁଛି ॥

❑❑

ପ୍ରକାଶିତ: 'ପ୍ରଜାତନ୍ତ୍ର ସାପ୍ତାହିକୀ'-୬/୧୨

Source: Author, Digitized by PPRACHIN, SOA

ଯେଉଁ ଗୀତ କେବେ ଗାଇ ହେବ ନାହିଁ

ଯେଉଁ ଗୀତ କେବେ ଗାଇ ହେବ ନାହିଁ
ସେଇ ଗୀତ ଆଜି ଲେଖୁଛି
ଫୁଟା ଛଳଘରେ ଓଦା ହେଂସତଳେ
ଭୋକ ଶୋଷ ସାଥି କରୁଛି ।

ଦୁଃଖ ଏଠି ମୋର ପିଲାଦିନ ସାଂଗ
ସଂଗାତ ମୋ ଝଡ଼ରାତି
ଚମକେ ବିଜୁଳି ଘୋର ଘଡ଼ଘଡ଼ି
ଫାଟି ଫାଟି ଯାଏ ଛାତି
ବଣଶାଖ ଝାଂକି ଧସେଇ ପଶୁଚି
ଖଇଫୁଟା ତାତି ଢାଳୁଛି
କଳିଜାଟା ଖାଲି ଥରୁଛି ॥୧॥

ଶୁଖିଲା ନଈର ଧୂଳି ଭଉଁରିରେ
ଝଡ଼ିଲା ପତର ଉଡ଼େ
ଦୁଆର ମୁହଁରୁ ମହୁଆ ବସନ୍ତ
ମୁହଁ ମୋଡ଼ି ଦେଇ ଫେରେ
ଆଶା ଆକାଶକୁ ଚାହିଁ ଚାହିଁ ଖାଲି
ତରା ସବୁ ଝଡ଼ିଯାଉଛି
ସପନ ବି ସରିଯାଉଛି ॥୨॥

❑❑

ଉତ୍କଳ ସାହିତ୍ୟ ସମାଜ ତରଫରୁ 'ସାହିତ୍ୟ ପତ୍ର' ୨୦୧୬ରେ ସ୍ଥାନିତ

Source: Author, Digitized by PPRACHIN, SOA

ଗପତ ପଢ଼ିବା ପାଇଁ ...

ଗପତ ପଢ଼ିବା ପାଇଁ
ଗୀତ ତ ଗାଇବା ପାଇଁ
ମନ ମୋ ଝୁରୁଚି ଖାଲି ତୁମକୁ ପାଇବା ପାଇଁ ।

ଫୁଲତ ଫୁଟିବା ପାଇଁ
ମହକ ବାଣ୍ଟିବା ପାଇଁ
ନଈତ ବହିବା ପାଇଁ
ଢେଉତ ନାଚିବା ପାଇଁ
ମନ ମୋ ଖୋଜୁଛି ଖାଲି ତୁମକୁ ଛୁଇଁବା ପାଇଁ ॥୧॥

ଆଖିତ ସପନ ପାଇଁ
ଛାତିତ କଂପନ ପାଇଁ
ଓଠତ ହସିବା ପାଇଁ
ରସରେ ରସିବା ପାଇଁ
ମନମୋ ଉଚ୍ଚାଟ ଖାଲି ତୁମକୁ ଭେଟିବା ପାଇଁ ॥୨॥

❑❑

ପ୍ରକାଶିତ 'ସମାରୋହ' ଫେବୃୟାରୀ-୨୦୧୬

Source: Author, Digitized by PPRACHIN, SOA

ଯେଉଁଠି ଅଧିକ ଲାଜ ଆଉ ବେଶୀ ଡରଡର

ଯେଉଁଠି ଅଧିକ ଲାଜ ଆଉ ବେଶୀ ଡରଡର
ସେଇଠି ରହିଛି ଛପି ମନଚୋରି କାରବାର

ଯେଉଁଠି ଓଠରେ ମିଠା ଆଖିରେ ବି ନିଦନିଦ
ଯେଉଁଠି କଥା କଥାରେ ଶୁଣାଯାଏ ଅପବାଦ
ଯେଉଁଠି ମହୁଠୁ ମିଠା ଲାଗଇ ଜହର
ସେଇଠି ରହିଛି ଛପି ପ୍ରେମର କାରବାର ।।୧।।

ଯେଉଁଠି ଟାଣୁଆ ଖରା ଦେଇଥାଏ ଥଣ୍ଡାଛାଇ
ଯେଉଁଠି ରାତିଟା ସାରା ଭରା ଉଜାଗର ହାଇ
ଯେଉଁଠି ଆଖିରେ ନିଶା ସାତରଂଗି ସପନର
ସେଇଠି ରହିଛି ଛପି ଚୋରାପ୍ରୀତି କାରବାର ।।୨।।

❑❑

ପ୍ରକାଶିତ 'ସାରସ୍ୱତ ସାରାଂଶ' ପୂଜାସଂଖ୍ୟା-୨୦୧୫

Source: Author, Digitized by PPRACHIN, SOA

ଏଇ ରାସ୍ତାରେ...

ଏଇ ରାସ୍ତାରେ କେବେ କେବେ ଦେଖା ତୁମ ସାଥିରେ
କେବେ ଓଠ ହସୁଥାଏ କେବେ ଆଖି ବୁଡ଼ିଥାଏ ଲୁହରେ ॥
କେବେ ରାସ୍ତା ଭିଜୁଥାଏ ତୁମ ମିଠା ଝାଳରେ
କେବେ ରାସ୍ତା ବାସୁଥାଏ ତୁମ ଦେହ ବାସ୍ନାରେ
ଭାରୀ ମନେପଡ଼େ ତୁମ ପାଉଁଜିର ଛମଛମ
ଯେବେ ଯାଏ ଏକୁଟିଆ ଏଇ ଚିହ୍ନା ରାସ୍ତାରେ ।

କେବେ ରାସ୍ତା ଫୁଲଭରା ତୁମ ଛାଇ ପଡ଼ିଲେ
କେବେ ରାସ୍ତା କଣ୍ଟାଘେରା ତୁମ ମୁହଁ ଫୁଲାରେ
ଭାରୀ ମନେପଡ଼େ ତୁମ କଂକଣ ଖମ୍‌ଖମ୍
ଯେବେ ଯାଏ ଏକୁଟିଆ ଏ ଅଚିହ୍ନା ରାସ୍ତାରେ ॥୨॥

❑❑

ରଚନା କାଳ- ୨୬/୨/୧୬

Source: Author, Digitized by PPRACHIN, SOA

ଏଇ ବର୍ଷା ପଢାଇଛି କେତେ ପ୍ରେମ ପାଠ

ଏଇ ବର୍ଷା ଯଉବନେ ପଢ଼ାଇଛି କେତେ ପ୍ରେମ ପାଠ
ସିଏ ପୁଣି ମନେ ଆଣେ ପିଲାଦିନ ପାଦ ଖସାବାଟ ॥

ଏଇ ବର୍ଷା ନାଚିଯାଏ ରିମ୍‌ଝିମ୍ ସୁର ତାଳେତାଳେ
ଏଇ ବର୍ଷା ଖେଳୁଥାଏ ଭସା ଭସା କାଗଜ ନାଆରେ
ଏଇ ବର୍ଷା କରେ ପୁଣି ପ୍ରେମିକାର ମନ ଛଟପଟ ॥୧॥

ଏଇ ବର୍ଷା ଭାସିବୁଲେ କଳାଧଳା ବାଦଲ ଭେଳାରେ
ଏଇ ବର୍ଷା ହସେ ଦେଖ ଚିକ୍ ମିକ୍ ବିଜୁଳି ଲେଖାରେ
ଏଇ ବର୍ଷା ଅଭିସାର ରଚେ ପିନ୍ଧି କଳାମେଘି ପାଟ
ପ୍ରେମିକାର ମନେ ଜାଗେ ମହୁମଖା ମିଳନ ରୋମାଞ୍ଚ ॥୨॥

❑❑

ରଚନା କାଳ ଆରମ୍ଭ ୩୧/୧/୧୬ ଏବଂ ୧୮/୧/୧୭ (ଶେଷ)

Source: Author, Digitized by PPRACHIN, SOA

ବର୍ଷା ଆସେ ଝରିଝରି

ରତୁର ପାଲିଙ୍କି ଚଢ଼ି
ବର୍ଷା ଆସେ ଝରି ଝରି
ବିରହିଣୀ ଛାତିତଳେ ପୀରତିର ନିଆଁଜାଳି ॥

ଆକାଶରେ ଉଡ଼ିଗଲେ ବଳାକା
କଦମ୍ବରେ ମୁକୁଳିତ କଳିକା
ଯକ୍ଷକଣ୍ଠେ ଦରଦିଆ ଗୀତିକା
କିଶୋରୀ ତନୁରେ ଦିଏ ଅତନୁର ନିଶାଘାରି ॥୧॥

କେଦାରେ କେଦାରେ ଶ୍ୟାମ ପରଶ
ପଲ୍ଲବିତ ତରୁ ଭାଂଗେ ଅଳସ
ଧନବତୀ ଧରା କେତେ ସରସ
ଆଶାର ଆକାଶେ ଆଜି ଚକମକ ବିଜୁଳି ॥୨॥

❑❑

ପ୍ରକାଶିତ- 'ନୀଳକଇଁ' ପୂଜା-୨୦୧୦

Source: Author, Digitized by PPRACHIN, SOA

ମଧୁଶାଳା...ତିମିର ତୀର୍ଥ

ତୁମର ଗୋ ସିନା ଚନ୍ଦ୍ରିକା ମଧୁଶାଳା
ମୋରତ ତିମିର ତୀର୍ଥ
ତୁମର ଗୋ ସଖି ପୁଷ୍ପିତ କୃଷ୍ଣଚୂଡ଼ା
ମୁଁ ଯେ ଖାଲି କଣ୍ଟକିତ ॥
ପ୍ରଣୟତ ତୁମ ଚିର ସହଚର ଲାଜ ତୁମ ପ୍ରିୟସାଥି
ଶିହରିତ ତୁମ ପ୍ରତିଟି ମୁହୂର୍ତ୍ତ ସ୍ୱପ୍ନିଳ ପ୍ରତିରାତ୍ରୀ
ତୁମର ସେ ଆଖି ମଧୁ ମଦୀରା ପାତ୍ର
ମୋର ତ ଲୋତକ ସିକ୍ତ ॥୧॥
ମଳୟତ ତୁମ ସ୍ୱେଦ ପୋଛିଦିଏ ପଳାସ ଓଠରେ ହସ
ପ୍ରଦୋଷତ ତୁମ ଚିକୁର ଛାଇରେ ରଚିଯାଏ ମଧୁରାସ
ତୁମର ଅଂଗନେ ରଂଗୀନ ଦୀପଶିଖା
ମୋର ତ କାଳିମାବୃତ ॥୨॥

ପ୍ରକାଶିତ- 'ପ୍ରଜାତନ୍ତ୍ର ସାପ୍ତାହିକୀ' ୧-୧୭ ମାର୍ଚ୍ଚ-୨୦୧୨

Source: Author, Digitized by PPRACHIN, SOA

ହାଏରେ ବହୁରୂପି ଆକାଶ...

ହାଏରେ ମୋ ବହୁରୂପି ଆକାଶ
କେବେ ନୀଳ କେବେ କଳା କେବେ ବୋଳା ପାଉଁଶ ॥

ସୂର୍ଯ୍ୟ କିରଣରେ ତୁମେ ହୁଅ କେବେ ଉଜ୍ୱଳ
ଚନ୍ଦ୍ର ଜୋଛନାରେକେବେ କାନ୍ତ ଶାନ୍ତ ଶୀତଳ
ଶିରି ଶିରି ସୁରେ ସୁରେ ବହେ ଧୀର ବତାସ
ବହୁରୂପି ଆକାଶ ॥୧॥

ଝଲମଲ ଜିକିଜିକି ଜରିମଖା ତାରକା
ବାଦଲର ଭେଳା ପୁଣି ଭାସେ ଭଳି ଭଳିକା
ଉଷା ଓ ଗୋଧୂଳି ରଂଗ ରୂପକର ସରସ
ବହୁରୂପି ଆକାଶ ॥୨॥

❑❑

ପ୍ରକାଶିତ 'ତିରାଗ' ପୂଜା-୨୦୧୧

Source: Author, Digitized by PPRACHIN, SOA

ଖରାବେଳେ ମନଧାଏଁ ଗହଳିଆ ତୋଟାକୁ...

ଖରାବେଳେ ମନଧାଏଁ ନିଛାଟିଆ ଗହଳିଆ ତୋଟାକୁ
ଖରାବେଳେ ପାଇବିକି ଘରୁକେଶୀ ଚାହାଣିର ଛଟାକୁ ॥

ଖରାବେଳେ ବେଳାଧାରେ ସାଉଁଟିବି ସୂର୍ଯ୍ୟଝରା ମୋତିକୁ
ଖରାବେଳେ ପୋଛିଦେବି ପ୍ରିୟାର ସେ ସ୍ୱେଦଭରା ମୁହଁକୁ ।

ଖରାବେଳେ ପାଏଖାଲି ଡହ ଡହ ଶେଷହୀନ ଶୋଷକୁ
ଖରାବେଳେ ସାଥିକରେ ଛାତିତଳ ପ୍ରୀତି ଅବସୋସକୁ ।

ଖରାବେଳେ ମିଛେ ଖୋଜେ ଆଲୋକର କଅଁଳିଆ ଛୁଆକୁ
ଖରାବେଳେ ଖୋଜାହୁଏ ଅଧରାତି ବନ୍ଦୀଘର କୁଆଁକୁ ॥

❑❑

ପ୍ରକାଶିତ 'ଦିଗ୍‌ବଳୟ' ପୂଜା-୨୦୧୧ ଓ ଜହ୍ନ-୨୦୦୪

Source: Author, Digitized by PPRACHIN, SOA

ବଂଇଶୀରେ ବଇଁଶୀ...

ବଂଇଁଶୀରେ ବଂଇଶୀ ଦଗାଦିଆ ବଂଇଶୀ
ମନମୋ ହଜେଇ ଦେଲି ତୋର ସୁରେ ଭରସି ॥

ଯମୁନା କୂଳରେ କେବେ କେବେ କୁଂଜବଣରେ
କଦମ୍ବ ମୂଳରେ ପୁଣି କେବେ ଗୋପୀ ମେଳରେ
ଗୋଧନ ଲେଉଟା ବେଳେ ବାଜୁ ସୁରେ ବଂଇଶୀ ॥୧॥

ସଂଜ ପହରିଆ ବାଜୁ ବାଜୁ ରାତି ଅଧରେ
କେବେ ତୁ କାଚରା ହାତେ କେବେ ମାଳି ହାତରେ
ନିଛାଟିଆ ବେଳେ ଯେବେ ବାଜୁ ଆରେ ବଂଇଶୀ
ଛାତିତଳେ ନିଆଁଜାଳୁ କୁଳବୁଡା ବଂଇଶୀ ॥୨॥

❑❑

ପ୍ରକାଶିତ 'ବରିଶ୍ରୀ'- ସଂସାର-୨୦୧୧

Source: Author, Digitized by PPRACHIN, SOA

ହସିହସି ଜିଇବାକୁ କିଏ ନ ଚାହେଁ...

ହସି ହସି ଜିଇବାକୁ କିଏ ବା ନ ଚାହେଁ
କାନ୍ଦି କାନ୍ଦି ମରିବାକୁ କିଏ ଅବା ଚାହେଁ ॥

ଫୁଲବିଛା ବାଟ ଛାଡ଼ି କିଏ ଯିବ କଣ୍ଟାରେ
ଜୋଛନା ବତୁରା ରାତି ଭୂଲିବା କି ଅଂଧାରେ
ସୁନେଲି ସପନ ଜଡ଼ା ସୁଖ ନିଦ ଛାଡ଼ି କୁହ
ଉଜାଗର ରହିବାକୁ କିଏ ଅବା ଚାହେଁ ॥୧॥

ବୟସ ତରଳ ହେଲେ ମନ ତ ଚପଳ
ଏତେବେଳେ ଛାତିତଳେ ଯଦି ନିଆଁ ଝୁଲ
ନିଆଁକୁ ଚନ୍ଦନ ମଣି ଶୀତଳାଇ ଦେଲେ ପ୍ରାଣ
ଜିଇବାର ପଂଚଶୀଳ କିଏ ବା ନଚାହେଁ ॥୨॥

❑❑

ପ୍ରକାଶିତ ଦୈନିକ 'ସମାଜ'- ୧୧/୮/୧୧

Source: Author, Digitized by PPRACHIN, SOA

ଅନେକ ନିରାଶା ଅଂଧାର ଭିତରେ

ଅନେକ ନିରାଶା ଅଂଧାର ଭିତରେ ଛଟପଟ ଯେଉଁ ଜୀବନ
ସିଏ ପୁଣି ଦେଖେ ଜୋଛନା ପଖଳା ରୂପେଲି ସୁନେଲି ସପନ ।।

ମରଣ ଆସୁଛି ବିଷପାତ୍ର ଧରି ଛପିଛପି କେଉଁବାଟେ
ତଥାପି ଜୀବନ ଡରେନା ତାହାକୁ ଖୋଜଇ ଅମୃତ ଟୋପେ
ମରୁ କଣ୍ଟକରେ କାନ ପାରିଥାଏ ମିଳିବକି ଅଳି ଗୁଂଜନ ।।୧।।

ତତଲା ଲୁହରେ ଉବୁଟୁବୁ ହୁଏ ଛଳ ଛଳ ଦୁଇ ଆଖି
ସନ୍ଦେହ ନିଆଁ କୁହୁଳି କୁହୁଳି ପୋଡ଼ିଜାଳି ଦିଏ ଛାତି
ତଥାପି ଜୀବନ ଆଗ୍ନେୟ ଲାଭାରୁ ଖୋଜଇ ଶୀତଳ ଚନ୍ଦନ ।।

ଧୂଳିର ଶେଯରେ ଲଟପଟ ହୋଇ ଆନନ୍ଦ ଶେଫାଳି ଚିତ୍ତ
ବସନ୍ତ ଆସିଲେ କୋଇଲି ପାଶୋରେ ବରଷାର ଯେତେ ଦୁଃଖ
ସେ ମଣିଷ ଧନ୍ୟ ବିଫଳତା ଭୁଲି ସଫଳତା କରେ ସଂଧାନ ।।

❑❑

ପ୍ରକାଶିତ: 'ଆନନ୍ଦ'-୨୦୧୧

Source: Author, Digitized by PPRACHIN, SOA

ଅନେକ ଲେଖିଲୁ ଦେଖି...

ଅନେକ ଲେଖିଲୁ ଦେଖି ଫୁଲ ଆଉ ଭଅଁର
ଅନେକ ଗାଇଲୁ ନେଇ ଚନ୍ଦ୍ର ଆଉ ଚକୋର
ଏବେ ଲେଖନୀ ତୁ ଲେଖ ନେଇ ତେଲ ଲୁଣ ସଂସାର ॥

ଅନେକ ଚାଲିଲା ପାଦ ସଜଘାସ ଗାଲିଚ୍ଛ
ଅନେକ ଛୁଇଁଲା ହାତ ଲାଜଲାଜ କଳିକା
ଏବେ ଭୁଲିଯା ଲେଖନୀ ଗୋଲାପି ଅକ୍ଷର
ଖୋଜିନେ ଖୋରାକ ଏବେ ଲୁହ ଆଉ ଲହୁର ॥୧॥

ଅନେକ ବିତିଲା ରାତି ଦେଖି ମିଠା ସପନ
ଅନେକ ପାଇଲା ଛାତି ମିଠା ପ୍ରୀତି କଂପନ
ଏବେ ଭୂଲିଯା ଲେଖନୀ ଜୋଛନା ଜୁଆର
ଖୋଜିନେ ଖୋରାକ ଦେଖି ଘନଘୋର ଅଂଧାର ॥୨॥

❑❑

ରଚନା କାଳ-୧୬/୯/୧୪.

Source: Author, Digitized by PPRACHIN, SOA

ଦେହରୁ ଦେହ ଦୂରତା ଯେତେ ଯାଏ ଦୂରେଇ...

ଦେହରୁ ଦେହ ଦୂରତା ଯେତେ ଯେତେ ବଢ଼ଇ
ମନର ପାଖକୁ ମନ ଆସେ ସେତେ ପାଖେଇ
ଦେହ ମନ ହୁଏ ଭେଟାଭେଟି
ଫୁଲରୁ ମହକ ଯାଏ ଯେତେଯେତେ ଦୂରେଇ
ଭଅଁର ଗୁଣୁ ଗୁଂଜନ ଆସେ ସେତେ ପାଖେଇ
ଏଥିପାଇଁ ବେଳେବେଳେ ଫୁଲକଣ୍ଟା ଏତେ ପାଖାପାଖି ॥୧॥

ଆକାଶରୁ ବାଦଲ ଯାଏ ଯେତେ ଯେତେ ଦୂରେଇ
ମରୁର ଡହକ ଆସେ ସେତେ ସେତେ ପାଖେଇ
ଏଥିପାଇଁ ଖରାବର୍ଷା ବେଳେବେଳେ ଏତେ ପାଖାପାଖି ॥୨॥

ଜୀବନେ ଜିଇବା ଆଶା ଯେତେଯାଏ ଦୂରେଇ
ମରଣ ବାରତା କାନେ ଶୁଭେ ସେତେ ପାଖେଇ
ଏଥିପାଇଁ ବେଳେବେଳେ ଜନ୍ମ ମୃତ୍ୟୁ ଏତେ ପାଖାପାଖି ॥୩॥

❑❑

ପ୍ରକାଶିତ 'କାଦମ୍ବିନୀ' ଏପ୍ରିଲ-୨୦୧୬

Source: Author, Digitized by PPRACHIN, SOA

ତୁମରି ପ୍ରଣୟ ମଧୁରିମା ମୋତେ...

ତୁମରି ପ୍ରଣୟ ମଧୁରିମା ମୋତେ କରିଥିଲା ପ୍ରମୋଦିନୀ
ଆଜି ତୁମେ ଦୂରେ ତୁମରି ବିରହ କରେ ମୋତେ ସନ୍ୟାସିନୀ ॥

ତୁମେ ଥିଲେ ପାଖେ ସବୁ ଋତୁ ମୋତେ ଫଗୁଣ ଫଗୁଣ ଲାଗେ
ପ୍ରତିଟି ମୁହୂର୍ତ୍ତ ଗୋଲାପି ଗୋଲାପି ମହମହ ବାସ୍ନା ଜାଗେ
ଆଜି ତୁମ ବିନା ଜୋଛନା ବିହୀନା ଘନଘୋର ନିଶିଥିନୀ
କରେ ମୋତେ ପାଗଳିନୀ ॥୧॥
ତୁମରି ଭାବନା ଛାତିତଳେ ଦିଏ ମିଠା ମିଠା ଅନୁଭୂତି
କଥାରେ କଥାରେ ଝରିଝରିଯାଏ ହଜାରେ ପ୍ରୀତିର ଗୀତି
ଆଜି ତୁମେ ନାହିଁ ବଇଶାଖି ଦାହ ମରୁ ତହକର ବହ୍ନି
କରେ ମୋତେ ଅନାଥିନୀ ॥୨॥

❑❑

ପ୍ରକାଶିତ- 'ଗୀତିଗଂଗୋତ୍ରୀ' ପୂଜା- ୨୦୧୬

Source: Author, Digitized by PPRACHIN, SOA

ତୁମେ ଆସିଲେ ଲାଗୁଛି

ତୁମେ ଆସିଲେ ଲାଗୁଛି କୁଂଜବନରାସ
ତୁମେ ଚାଲିଗଲେ ଲାଗେ ରାମ ବନବାସ ॥

ତୁମେ ହସିଦେଲେ ବସେ ଫୁଲଙ୍କର ହାଟ
ତୁମ କଥା ପଦକରେ ଭରା ଗପ ଗୀତ
ଆଖି ତୁମ କହେ ଖାଲି ଆସ ଆସ ଆସ
ଚାଖିବାକୁ ଦୁନିଆର ପୀରତିର ରସ ॥୧॥

ତୁମରି ଲୁହରେ ପୁଣି ସାତଟି ଯମୁନା
ତୁମ ଅଭିମାନେ ଝୁରେ ମନର ମଇନା
ତୁମ ଅଭିମାନେ ଝୁରେ ମନର ମଇନା
ତୁମରି ହଜିଲା ଛାଇ ଆଣେ ଯେଉଁ ଦୁଃଖ
ମହାଭାରତଠୁ ଭଳି ରକତର ଶୋଷ ॥୨॥

❑❑

ପ୍ରକାଶିତ 'ଶତଦ୍ରୁ' ପୂଜା ସଂଖ୍ୟା ୨୦୧୫

Source: Author, Digitized by PPRACHIN, SOA

କେମିତିକା ସିଏ ସତେ...

କେମିତିକା ଓଠ ସିଏ କେତେବେଳେ ଫୋପାଡୁଛି
ପେନ୍ଥାଏ ଗୋଲାପ
ମହମହ କରୁଛି ବିଛଣା
କେତେବେଳେ ଫିଙ୍ଗୁଅଛି ସେ ଯେ ନିଆଁଝୁଲ
ଡହ ଡହ ମନର ଅଗଣା ।।

କେମିତିକା ଆଖି ସିଏ କେତେବେଳେ ଭରିଥାଏ
ସୁନେଲି ସପନ
କେତେବେଳେ ଢ଼ାଳିଦିଏ ଅସରା ଅସରା ଲୁହ
ସତେ ଅବା ଶୋକର ଶ୍ରାବଣ
ହଜିଯାଏ ଚାହାଣି ହୋଇଯାଏ ବଣା ।।

କେମିତିକା ମନ ସିଏ କେତେବେଳେ ଭରିଦିଏ
ଅସରା ଭାବନା
କେତେବେଳେ ଜାଗିଉଠେ କେତେବେଳେ ଶୋଇପଡ଼େ
ପାଶେଥୋଇ ଲାଜର ଗହଣା
କଥା ତାର କୁହନା କୁହନା ।।

❑❑

ପ୍ରକାଶିତ 'ଗୁଂଜନ'-୨୦୧୫

Source: Author, Digitized by PPRACHIN, SOA

ଜରିଲଗା ମନତଳେ ମୀନାକରା ପୀରତି

ଜରିଲଗା ମନତଳେ ମୀନାକରା ପୀରତି
ଲାଜଘେରା ଫୁଲକୁଂଜେ ନଟୀଟିଏ ସାଜିଚି ।

ଆଖିରେ ମୋ ନୀଳନୀଳ ଇନ୍ଦ୍ରନୀଳ ସପନ
ଓଠରେ ମୋ ଢଳଢଳ ମହୁଭରା ଫଗୁଣ
ଶ୍ରାବଣୀ ଗଭାରେ ମୁଁ ଯେ ମହକାଏ କେତେକୀ
ପ୍ରଣୟ ଜୋଛନା ରାତେ ମୁଁ -ଚନ୍ଦ୍ର ଚାତକୀ ॥୧॥

ଅଂଗୁଳିରେ ଚଂପା ଫୁଟେ ସୁରେ ସୁରେ ମଦୀରା
ଲହୁଣୀ ଦେହରେ ମୋର ସୁଷମାର ପସରା
ବଂକାବଂକା ଭ୍ରୁରୁତଳେ ଇନ୍ଦ୍ରଧନୁ ସାଜିଚି
ଯଉବନ ପଦ୍ମବନେ ମୁଁ ସୂର୍ଯ୍ୟ କପୋତୀ ॥୨॥

❑❑

ପ୍ରକାଶିତ 'ବରିଶ୍ରୀ', ଜାନୁଆରୀ-୨୦୧୧

Source: Author, Digitized by PPRACHIN, SOA

ଜୀବନଟା ଚାଲିଗଲେ...ଏ ଶରୀର ମାଟି

ଜୀବନଟା ଚାଲିଗଲେ ଏ ଶରୀର ହୁଏ ମାଟି
ବିବେକ ହଜାଇ ଦେଲେ ଜନମଟା ହୁଏ ମାଟି ॥

ନିଷ୍କାମ ହୃଦୟେ ଜାଗେ ଶୁଦ୍ଧ ପବିତ୍ର ପ୍ରୀତି
ଆବିଳ ଦେହଜ ପ୍ରେମ ଆକାଶକୁ କରେ ମାଟି ॥

ଫୁଲର ସୁରଭି ମଧୁ ଦିଅ ପଦେ ଦିଅ ଭେଟି
ପାଖୁଡ଼ା ଛିଡ଼ାଇ ଦେଲେ ଶୀରି ତୁଟିହୁଏ ମାଟି ॥

ବୀଣାର ପୂରବୀ ରାଗେ କଂପନ ତୋଳେ ଛାତି
ବେସୁରା ରାଗିଣୀ ହାଏ ସଂଗୀତକୁ କରେ ମାଟି ॥

❑❑

ପ୍ରକାଶିତ 'ସମାଜ' -୨୩-୨୯ ଏପ୍ରିଲ୍ ୨୦୧୧

Source: Author, Digitized by PPRACHIN, SOA

ଯମୁନାର କୂଳେ କୂଳେ...

ଯମୁନାର କୂଳେ କୂଳେ କୁଳୁକୁଳୁ ଗୀତ ଶୁଣି
ସୁକୁମାରୀ ରାଈବସେ କାହ୍ନୁ ପାଇଁ ଦିନଗଣି ॥

କଦମ୍ବରେ କେତେ ଫୁଲ ଫୁଟୁଛି ଝଡୁଛି
କିଏ କେତେ ଚୋରାଚିଠି ଲେଖୁଛି ଚିରୁଛି
କାହ୍ନୁ ପାଇଁ ଝୁରି ଝୁରି ମରେ ରାଧାରାଣୀ ॥୧॥

ଫୁଲ କୁଂଜେ ବସି ବସି ଲଳିତା ବିଶାଖା
ସଞ୍ଜ ସକାଳ ହେଲା କାହିଁ ଗିରି ଟେକା
ପାଗଳିନୀ ରାଈ ପାଦେ ନୂପୁର ବାଜୁନି ॥୨॥

ମଳୟ କା ଦେହେ ବୋଲେ ଶୀତଳ ଚନ୍ଦନ
ରାଈ ପାଇଁ ସେତ ଆଜି ଅନଳ ସମାନ
କାହ୍ନୁପାଇଁ ନିନ୍ଦା ସହି ପଥର ହେଲାଣି ॥୩॥

❑❑

ପ୍ରକାଶିତ 'ସାବିତ୍ରୀ' ଏପ୍ରିଲ-ମଇ-ଜୁନ- ୨୦୧୧

Source: Author, Digitized by PPRACHIN, SOA

ଶୀତୁଆ ସକାଳ ଦେଇଥିଲା ବଂଧୁ ବେଭାର...

ଶୀତୁଆ ସକାଳେ ଏଇ ଖରା ମୋତେ
ଦେଇଥିଲା ବଂଧୁ ବେଭାର
ଭରା ବଇଶାଖେ ସେଇ ଖରା ହାଏ
ଶତ୍ରୁଠାରୁ ବଳି ନିଠୁର ॥

ଖରା ଆସୁଥିଲା ପୋଖରୀ ତୁଠକୁ ପାଦ ଚିପିଚିପି ସରାଗେ
ଖରା ବୁଲୁଥିଲା ଆମ୍ବତୋଟାମାଳେ କୁହୁଗୀତ ଶୁଣି ଆବେଗେ
ଖରା ଦେଖୁଥିଲା ପାଣି ଛଟା ଛଟି ଦୀଘା ଦୀପଦଣ୍ଡି ପାଖର ॥୧॥

ଖରାତ ଚଗଲା! ଖରା ବି ବଗୁଲା କୁଳଭୁଆସୁଣୀ କାନିରେ
ଖରା ଲାଜକୁଳା ଗୋଡ଼ ପକାଏନା ବାସର ଦୁଆର ବନ୍ଧରେ
ଖରା ଲୁଚିଯାଏ କେଉଁ ଛଟକରେ ଆସିଲେ ପଛିମା ଅଂଧାର ॥୨॥

❑❑

ପ୍ରକାଶିତ ଦୈନିକ 'ଖବର'- ୨୬/୬/୧୧

Source: Author, Digitized by PPRACHIN, SOA

କାହ୍ନୁ କରୁଥିଲେ ମନଚୋରି

କାହ୍ନୁ କରୁଥିଲେ ଶୁଦ୍ଧ ପ୍ରେମେ ମନଚୋରି
ଏବେ ତ କାହ୍ନୁ କରନ୍ତି ଲୋଭେ ବନଚୋରି ।

ଆଗେ ବଂଶୀ ବାଜୁଥିଲା କଦମ୍ବ ବଣରେ
ଯମୁନା ବି ବହୁଥିଲା କଳକଳ ସୁରେ
ଆଜି ବଣ ହେଲା ପଦା ମାଟିହେଲାନାହିଁ ଓଦା
ସବୁଜିମା ହୀନା ଧରା ହେଲା ହତଶୀରି ॥୧॥

ଆଜି କାହିଁ ସେଇ ପ୍ରେମ କାହାନ୍ତି ସେ ରାଧା
ମୀରା ପାଇଁ ଆଜି ଦେଖ ଚଉଦିଗେ ବାଧା
ଦେହ ମିଶାଇ ଦେହରେ ମନ ଡରି ରହେ ଦୂରେ
ପ୍ରେମର ତ ପରିଭାଷା ଗଲାଣି ବଦଳି ॥୨॥

❑❑

ପ୍ରକାଶିତ- 'ଧାରା'- ବିଷୁବସଂଖ୍ୟା-୨୦୧୨

Source: Author, Digitized by PPRACHIN, SOA

ଏଇ ଶୀତ ବଡ଼ ଦୁଷ୍ଟ

ଏଇ ଶୀତ ବଡ଼ ଦୁଷ୍ଟ ଦିଏ ବଡ଼ କଷ୍ଟ
କେବେ ପୁଣି କେଉଁଆଡ଼େ ହୁଏ ନିରୁଦ୍ଦିଷ୍ଟ ॥

ବାର୍ଦ୍ଧକ୍ୟ ପାଖରେ ଶୀତ ଦେଖାଏ ତା ବଳ
ରୋଗୀ ଦେଖି ଧାଇଁ ଆସେ କରିବାକୁ ଗୋଳ
ଯୋଗ ଯୋଗୀ ଦେଖି ସିଏ ହୁଏ ଭୟଭୀତ
ଦଣ୍ଡ ବୈଠକ ଦେଖିଲେ ହୋଇଯାଏ ଶ୍ରାନ୍ତ
ପାଳଟଇ ଶିଷ୍ଟ ॥୧॥

ଯଉବନ ଜଉଘରେ ଛାଇ ତା' ନପଡ଼େ
ମଧୁ ଚନ୍ଦ୍ରିକା ରାତିରେ ଡରି ରହେ ଦୂରେ
ବିରହଣୀ ଦେଖି ସିଏ ହୁଏ ଆନନ୍ଦିତ
ଦେଖି ତାର ଶୀତ ଶୀତ କାମାର୍ତ୍ତ ମୁହୂର୍ତ୍ତ
ପାଳଟଇ ଦୁଷ୍ଟ ॥୨॥

❑❑

ରଚନା କାଳ - ୯-୧୨-୧୫- ପ୍ରକାଶିତ- 'ଦିଗ୍‌ବଳୟ'

Source: Author, Digitized by PPRACHIN, SOA

ଆଶାରେ ଭାଷାରେ କଥାରେ ନଥାରେ କଲ ଅଟକ

ଆଶାରେ ଭାଷାରେ କଥାରେ ନଥାରେ ଚମକ
ଚାହାଣି ଛଟକେ ମନମୋ କରିଲ ଅଟକ ॥

ଚଲାପଥେ ମୋର ଭରିଦେଲ ଖାଲି କଣ୍ଟକ
ଦେଖିବାକୁ ଆହା ଗୋଟିଏ ବି ନାହିଁ ଗୋଲାପ
କେମିତି ଚାଲିବି ଆଗକୁ ଆଗକୁ
ଭେଟିବାକୁ ତୁମ ସପନ ମହଲ୍ ଫାଟକ ॥୧॥

ସପନେ ଆସିଲ ଅଳପ ଅଳପ ହସିଲ
ଇସାରାରେ ମୋତେ ଅନୁସରିବାକୁ କହିଲ
ଆଖି ଖୋଲି ଦେଖେ ତୁମେ ନାହଁ ପାଶେ
ଦୂରୁ ଦିଶିଯାଏ ତୁମ ସେଇ ନୀଳ ପଣତ ॥୨॥

❑❑

ବିଦ୍ର:- ସ୍ୱପ୍ନରେ ପ୍ରଥମ ଧାଡ଼ିରୁ ସ୍ମରଣ ୨୮/୧୧/୧୫ ରାତି
ଶେଷ ୨୯/୧୧/୧୫ ସକାଳ ୫/୫୫ ମିନିଟ୍

Source: Author, Digitized by PPRACHIN, SOA

ନାଆଁ ତାର ନିରବତା

ଫୁଲଫୁଟି ମହକାଇ ସାରା ବଗିଚାଟା
କହେ ଯେଉଁ କଥା
କେହି କିଛି ଶୁଣେ କି ତା
କେହି କିଛି ବୁଝେ କି ତା
ସେ ଭାଷାର ନାଆଁ ନିରବତା ॥୦॥

ଜହ୍ନ ଉଠି ବିଛୁଡାଇ ସାରା ଆକାଶଟା
ଜୋଛନାର ଛିଟା
କଇଁକାନେ ଯାହା କହେ
କେହି କିଛି ଶୁଣେ କିତା
କେହି କିଛି ବୁଝେ କି ତା
ସେ ଭାଷାର ନାଆଁ ନିରବତା ॥୧॥

ହସ ଫୁଟି କିଶୋରୀର ଓଠ ଲାଜମଖା
କେବେ ଫିକା ଫିକା
ଇସାରାରେ ଦିଏ ଯେଉଁ ବାର୍ତ୍ତା
କେହି କିଛି ଶୁଣେ କି ତା
କେହି କିଛି ବୁଝେକି ତା
ସେ ଭାଷାର ନାଆଁ ନିରବତା ॥୨॥

❑❑

ରଚନାକାଳ- ୧୧/୧୨/୧୫

Source: Author, Digitized by PPRACHIN, SOA

ଯେଉଁଠି ଆଖିର ଭିଡ଼ ରୂପ କେତେ ଅସହାୟ

ଯେଉଁଠି ଆଖିର ଭିଡ଼ ରୂପ କେତେ ଅସହାୟ
ଯେଉଁଠି ଭୀତିର ଭିଡ଼ ପ୍ରେମ ବଡ଼ ଅସହାୟ ॥

ଯେଉଁଠି ଫୁଲର ଭିଡ କଣ୍ଟା କେତେ ନିରୁପାୟ,
ଯେଉଁଠି ଧୂଳିର ଝଡ଼ ସବୁଜିମା ଅସହାୟ ॥

ଯେଉଁଠି ହସର ଭିଡ଼ ଓଠ କେତେ ଲୋଭନୀୟ
ଯେଉଁଠି ପାଦର ଭିଡ଼ ପଥ ସେଠି ଅସହାୟ ॥

ଯେଉଁଠି ସପନ ଭିଡ଼ ନିଦ କେତେ ସ୍ମୃତିମୟ
ଯେଉଁଠି ତମସା ଭିଡ଼ ଜୋଛନା ବି ଅସହାୟ ॥

ଯେଉଁଠି ମରଣ ଭିଡ଼ ମଶାଣି ତ ଜୁଇ ମୟ
ତଥାପି ଜୀବନ ରେଖା ଆଶାଲୋକ ଦୀପ୍ତିମୟ
ନୁହେଁ କେବେ ଅସହାୟ ॥

❑❑

ପ୍ରକାଶିତ 'ସମାଜ' ସାହିତ୍ୟ ପୃଷ୍ଠା-୨୭/୪/୧୨

Source: Author, Digitized by PPRACHIN, SOA

ପାହାଡ଼ୀ ଝରଣା ନଈ ହୋଇଯାଏ...

ପାହାଡ଼ୀ ଝରଣା ନଈ ହୋଇଯାଏ ଭେଟ ହୋଇଗଲେ ସିନ୍ଧୁ
କୁମାରୀ କନ୍ୟା ବାପ ଘରୁ ଯାଇ ଶାଶୁଘରେ ନବବଧୂ ॥

ଫୁଲରେ ଭଅଁର ନ ବସିବା ଯାଏ ଚାଖିପାରେ ନାହିଁ ମଧୁ
କୁମାରୀ କନ୍ୟା ପ୍ରୀତିମଧୁ ଚାଖେ ହୁଏ ଯେବେ ନବବଧୂ ।

ନଭ ନିରିମଳ ହେଲାପରେ ଯାଇ ହସଇ ପୁନଅଁ ଇନ୍ଦୁ
ଓଢ଼ଣା ଉହାଡୁ ମୁଖଇନ୍ଦୁ ଦିଶେ ହୁଏ ଯେବେ ନବ ବଧୂ ॥

ମଳୟ ଛୁଇଁଲେ ନିମ୍ଭରୁ ଚନ୍ଦନ ବାସି ଝରେ ବିନ୍ଦୁ ବିନ୍ଦୁ
ମଧୁ ଚନ୍ଦ୍ରିକା ତିଥି ପରଶରେ ମହକଇ ନବବଧୂ ॥

ଭାବନା ରାଇଜେ କାବ୍ୟ ନାୟୀକା ଆସେ ହସି ମୃଦୁମୃଦୁ
ହୃଦୟ ଅଂଗନେ ଧିରେ ପାଦ ଚାଳେ ଗୀତିକା ମୋ ନବବଧୂ ॥

❑❑

ରଚନା କାଳ ୧୮/୯/୧୬

ପ୍ରକାଶିତ 'କାଦମ୍ବିନୀ' ମଇ ୨୦୧୭

Source: Author, Digitized by PPRACHIN, SOA

ଅନେକ ମୁଁ ଲେଖିଗଲି ଗୀତିକା

ଅନେକ ମୁଁ ଲେଖିଗଲି ଗୀତିକା
ଅନେକ ଦେଖିଲି ବନ ବିଥିକା
ତେବେ ବି ଏ ମନ କିଆଁ
ଖୋଜିବୁଲେ ସେଇ ରାହା
ସେଇଠି ଭେଟିବି ପ୍ରିୟ କବିତା ॥

ବେଳାଧାରେ ଏକାକୀ ମୁଁ ବୁଲିଲି
ଢେଉ ଆସି ନାଚି କରେ ଟାହୁଲି
ଚପଳ ସେ ଛଳଛଳ
ବୁଝେକି ମରମତଳ
ଯେଉଁଠି ଜଳେନା ପ୍ରୀତି ସଳିତା ॥୧॥

ଘେରିଆସେ ଘନଘୋର ରଜନୀ
ମନ ଖୋଜେ ପ୍ରିୟତମା ସଜନୀ
ଧୂଳିଘରୁ ବାସରାତି
ଛାତିତଳେ ମିଠା ତାତି
ଯେଉଁଠି ଝରାଏ ପ୍ରୀତି ମୁକୁତା ॥୨॥

❑❑

ପ୍ରକାଶିତ - 'ଗୀତି ଗଂଗୋତ୍ରୀ'- ପୂଜାସଂଖ୍ୟା ୨୦୧୬

Source: Author, Digitized by PPRACHIN, SOA

ମନୁଆଁ ଜହ୍ନଟା ଯେବେ ଚୋରିକଲା ମନ

ମନୁଆଁ ଜହ୍ନଟା ଯେବେ ଚୋରି କଲା ମନ
ମାନମୟୀ ନୀଳକଇଁ ଝୁରେ ସାରାଦିନ
ଖୋଜି ଖୋଜି ତା' ପ୍ରଥମ ପ୍ରେମ ॥

ସହଜେ ସେ ମୁଦିଥିଲା ଲାଜଲାଜ ଆଖି
ସରମେ ଝାଉଁଳି ଥିଲା ତା କୁଆଁରୀ ଛାତି
ଉଛୁଳାଇ ଦେଲା ଜହ୍ନ ଚଗଲାମି ପଣ
ଜାଗେ ଜାଗେ ତା ପ୍ରଥମ ପ୍ରେମ ॥୧॥

ସୂରୁଯ ଆସିବା ଦେଖି ଜହ୍ନ ଗଲା ଲୁଚି
ପାହା ପାହା ରାତି ଦେଖି ଅଧା ଅଧା ପ୍ରୀତି
ନିରିମାଖି ଆଖିରୁ ତ ଲୁହର ଶ୍ରାବଣ ।
ହଜେ ହଜେ ତା' ପ୍ରଥମ ପ୍ରେମ ॥୨॥

❑❑

ରଚନା କାଳ- ୨୪-୧୧-୧୩

Source: Author, Digitized by PPRACHIN, SOA

ଅନେକ ଫୁଲର ଦିନ ଅନେକ ତାରାର ରାତି

ଅନେକ ଫୁଲର ଦିନ ଅନେକ ତାରାର ରାତି
ଆଶା ନିରାଶାର ଲୁଚକାଳି ଖେଳି ମୋ ଜୀବନଯାଏ ବିତି ॥

ଚଲାପଥ ମୋର ଲମ୍ବି ଲମ୍ବିଯାଏ ମରୁ ବାଲୁଚର ଦେଇ
କେବେ ମୁଁ ଭେଟିବି ମରୁଦ୍ୟାନଟିଏ ଖଜୁରୀ ବଣର ଛାଇ ।
ମିଳିବକି ସତେ ନିରୀହା ବାଳିକା
ମେଷ ପାଳିକାର ପ୍ରୀତି ॥୧॥

କେବେ ବେଳାଧାରେ ବସି ବସି ଦେଖେ
ତୀରେ ତରଂଗର ଖେଳ
କେବେ ଆକାଶରେ ଖରା ବରଷାରେ
ସାତଟି ରଂଗର ମେଳ
ମିଳିବନି ସତେ ମଧୁର ବାସର
ବଧୂ ଆଗମନ ତିଥି ॥୨॥

❑❑

ପ୍ରକାଶିତ- 'ନୀଳକଇଁ' - ପୂଜାସଂଖ୍ୟା-୨୦୧୪

Source: Author, Digitized by PPRACHIN, SOA

ଦିନେ ଯେଉଁଠାରେ ଥିଲା ଗୋଲାପ ଫୁଲର ମେଳା...

ଦିନେ ଯେଉଁଠାରେ ଥିଲା ଗୋଲାପ ଫୁଲର ମେଳା
ଆଜି ତହିଁ ଖାଲି ହାଏ ଲୁହ ଢ଼ାଳିବାର ବେଳା ॥

ଦିନେ ଯେଉଁଠାରେ ଥିଲା ମହକ ବାଣ୍ଟିବା ମେଳା
ଆଜି ତହିଁ ଖାଲି ହାଏ ରକତ ଝରିବା ବେଳା ॥୧॥

ଦିନେ ଯେ ରାତିରେ ଥିଲା ସୁନେଲି ସପନ ମେଳା
ଆଜି ତହିଁ ଖାଲି ହାଏ ନିଦହରା କ୍ଳାନ୍ତିବେଳା ॥୨॥

ଦିନେ ଯେ ଆକାଶେ ଥିଲା ତାରାର ଆଲୋକ ମେଳା
ଆଜି ଖାଲି ତହିଁ ହାଏ ଅଂଧାରେ ହଜିବା ବେଳା ॥୩॥

ଦିନେ ଯେଉଁ ବେଳା ଧାରେ ଚୁନାଚୁନା ଢେଉ ମେଳା
ଆଜି ହାଏ ତହିଁ ଦେଖ ମରୁ ଉହକର ବେଳା ॥୪॥

ଦିନେ ଯେ ଜୀବନେ ଥିଲା ଯଶ ପଉରୁଷ ମେଳା
ଆଜି ହାଏ ତହିଁ ଖାଲି ହତାଶା, ହୁତାଶ ବେଳା ॥୫॥

❑❑

ପ୍ରକାଶିତ ଓଡ଼ିଆ ଗୀତିକବିତା ସମାଜ ସ୍ମରଣିକା-୨୦୧୪

Source: Author, Digitized by PPRACHIN, SOA

ମନ୍ଦିର ବେଢାରେ ଜଳେଇ ମାଟିର ଦୀପ

ମନ୍ଦିର ବେଢ଼ାରେ ଜଳେଇ ଜଳେଇ ଅନେକ ମାଟିର ଦୀପ
ଆଜି ପାଇଛ ଗୋ ମନର ମଣିଷ ଜଳେଇ ବାସର ଦୀପ ॥

ଶ୍ରାଦ୍ଧ ଦିବସରେ ଦେଇପିଣ୍ଡି ପରେ ଜଳଇ ପବିତ୍ର ଦୀପ
ମୃତ୍ୟୁ ଦିବସ ମନେରଖିବାକୁ ଜାଳୁ ସମାଧିରେ ଦୀପ ॥

ପ୍ରିୟତମ ପାଇଁ ପ୍ରିୟା ଜାଳୁଥାଏ ନିରବେ ନିଶିଥେ ଦୀପ
ହତାଶ ପ୍ରେମିକ ଆକାଶକୁ ଚାହିଁ ଗଣୁଥାଏ ତାରା, ଦୀପ ॥

ପବିତ୍ର ଜାଗରେ ମନ୍ଦିର ଚୂଡ଼ାକୁ ଉଠାଇ ଆକାଶ ଦୀପ
ଜଗତ ଜନର କଲ୍ୟାଣ ପାଇଁ ଜଳାଅ ମଂଗଳଦୀପ ॥

❑❑

ପ୍ରକାଶିତ 'ସାରସ୍ୱତ ସାରାଂଶ' ପୂଜା ୨୦୧୪ ଏବଂ 'ସ୍ମୃତିଲିପି' -୨୦୧୫

(ଗୀତି ଭାଗର ପରିସମାପ୍ତି)

Source: Author, Digitized by PPRACHIN, SOA

କବିତା

Source: Author, Digitized by PPRACHIN, SOA

ବୁଝ ଏବେ ବଂଧୁ

ତୃଷାର୍ତ୍ତ ମୁଁ
ମରୁ ଦସ୍ୟୁ କବଳରେ ପଡି
ମାଗିଥିଲି ଯେବେ ଜଳବିନ୍ଦୁ
ସେ କହିଲା
ଜଳ ନାହିଁ
ଦେଇପାରେ ଏକ ରକ୍ତ ସିନ୍ଧୁ !

କ୍ଷୁଧାର୍ତ୍ତ ମୁଁ
ଜଳ ଦସ୍ୟୁ କବଳରେ ପଡ଼ି
ମାଗିଥିଲି କଣିକାଏ ଅନ୍ନ
ସେ କହିଲା
ଅନ୍ନ ନାହିଁ
ଦେଇପାରେ ଲବଣାକ୍ତ ସିନ୍ଧୁ !

ଦୁହିଙ୍କୁ ମୁଁ ବୁଝାଇଲି
କି ଲାଭ ପାଖରେ ତୁମ ଥାଇ ଏଇ ସିନ୍ଧୁ
ଯଦି ସିଏ ଦେଲାନି ଭରସା
ବଂଚିବାକୁ ଦେଇ ଏକ ବିନ୍ଦୁ
ବୁଝ ଏବେ ବଂଧୁ
କାହାକୁ ଖୋଜିବ ତୁମେ
ସିନ୍ଧୁ ଅବା ବିନ୍ଦୁ ॥

❑❑

ପ୍ରକାଶିତ: 'ସଚିତ୍ର ବିଜୟା' ମଇ- ୨୦୧୧

Source: Author, Digitized by PPRACHIN, SOA

ବ୍ୟତିକ୍ରମ

ପାଦରେ ଅଳତା ନାହିଁ ତେବେ ବି ତୁମେ ଲଳିତା,
ଆଖିରୁ ନ ଝୁରୁ ଲୁହ ସାଉଁଟି ହୁଏ ମୁକୁତା ।

ମଥାରେ ନାହିଁ ସିନ୍ଦୁର ତଥାପି ତୁମେ ସୁନ୍ଦରୀ
କଥାରେ ନାହିଁ ମଧୁର ତେବେ ବି ତୁମେ ମାଧୁରୀ ॥

ଓଠରେ ଲାଗୁନି ହସ ତେବେ ବି ତୁମେ ସୁହାସୀ,
ପାଦରେ ନଥାଇ ଛନ୍ଦ ତେବେ ବି ତୁମେ ଉର୍ବଶୀ ॥

ମୁକୁଳା ନାହିଁ କୁନ୍ତଳ ତେବେ ବି ତୁମେ କୁନ୍ତଳା
ମନ ତ ଚଂଚଳ ନୁହଁ ତେବେ ବି ତୁମେ ଚପଳା ।

ମାଟିର ମଣିଷ ପାଖେ ତୁମେ ତ ମଧୁ କଳ୍ପନା
କବିର ଲେଖନୀ ମୁନୁ ଝରାଅ ସପନବନ୍ୟା ॥

ପ୍ରକାଶିତ 'ମହାଗିରି'-୨୮ ଜାନୁୟାରୀ-ମାର୍ଚ୍ଚ-୨୦୦୧

Source: Author, Digitized by PPRACHIN, SOA

ପ୍ରେମିକାକୁ

ପ୍ରେମିକା ହସିଲେ ଫୁଟେ ପ୍ରୀତି ଫୁଲଟିଏ
ପ୍ରେମିକା କାନ୍ଦିଲେ ଖସେ ଲୁହ ମୋତିଟିଏ ॥

ପ୍ରେମିକା ରୁଷିଲେ ଲାଗେ ମେଘୁଆ ମେଘୁଆ
ପ୍ରେମିକା ନଥିଲେ ଲାଗେ ଅଡୁଆ ଅଡୁଆ ।

ପ୍ରେମିକା ପାଇଁତ ଅଛି ପ୍ରେମର ପୃଥିବୀ
ପ୍ରେମିକା ହିଁ ଆଣିଦିଏ ପରାଣେ ସୁରଭି ।

ପ୍ରେମିକା ପଣରେ ରାଧା ପ୍ରେମିକ ଯେ କୃଷ୍ଣ
ରାଧା କୃଷ୍ଣ ସତ୍ୟ ପରି ପ୍ରେମତ ଶାଶ୍ୱତ ॥

❑❑

ପ୍ରକାଶିତ-ଦୈନିକ 'କାଳାନ୍ତର' ୪/୨/୨୦୦୮

Source: Author, Digitized by PPRACHIN, SOA

ଜୟଦେବ

ଜୟଦେବ ଲେଖିଗଲେ ଶ୍ରୀ ଗୀତଗୋବିନ୍ଦ,
ସେ ଗୀତ ଗୋବିନ୍ଦ ପଢ଼ି ଆନନ୍ଦ ଗୋବିନ୍ଦ ।
ଜୟଦେବ ଲେଖିଥିଲେ ସ୍ମର ଗରଳ ଖଣ୍ଡନଂ
ମମ ଶିରସି ମଣ୍ଡନଂ
ଗୋବିନ୍ଦ ଲେଖିଲେ ଆସି "ଦେହି ପଦ ପଲ୍ଲବ ମୁଦାରଂ" ।

କି ସୁନ୍ଦର ଗାଇଲେ ତାଙ୍କୁ ପତ୍ନୀ ପଦ୍ମାବତୀ
ରାଗ ତା କେଦାର ଚୋଖି ଅବା କଳାବତୀ ॥

ଜନ ମାନସ ସାଗରେ ଖେଳାଇ ତରଙ୍ଗ
କହେ ଧନ୍ୟ ଜୟଦେବ ଧନ୍ୟତୁମ ଛନ୍ଦ ।

ନିଜକୁ ନିଃଶେଷ କରି ଲଭି ବିଭୁପ୍ରେମ,
ଯେ ଅପୂର୍ବ କାବ୍ୟ ତୁମେ କରିଲ ସର୍ଜନ ।
ସେ ଆଜି ବିଶ୍ୱ ବିଦିତ ଶ୍ରୀ ଗୀତ ଗୋବିନ୍ଦ
ଗୋବିନ୍ଦ ଗୋବିନ୍ଦ ଭଜ ଗୋବିନ୍ଦ ଗୋବିନ୍ଦ
ସେ ନାମ ଭଜନେ ପ୍ରେମ ମଧୁ ମକରନ୍ଦ ॥

❑❑

ପ୍ରକାଶିତ 'ମନର ମହକ'-ରାସ ପୂର୍ଣ୍ଣିମା- ୨୦୦୭

Source: Author, Digitized by PPRACHIN, SOA

ନାରୀ

ଓଠରେ ଯାର ଏତିକି ମଧୁ
ଆଖିରେ ଏତେ ଈର୍ଷା
ଦେହରେ ଯାର ଫୁଲର ବନ
ମନରେ ଝଡ଼ ବର୍ଷା ।

ଏମିତି ଯହିଁ ବିରୋଧାଭାସ
ସିଏତ ଅଟେ ନାରୀ
କାହାକୁ କରେ ସୁଖୀ ସଂସାରୀ
କାହାକୁ ବ୍ରହ୍ମଚାରୀ ।।

❑❑

ପ୍ରକାଶିତ- 'କାଳାନ୍ତର'-୨୫/୧୧/୨୦୦୭

Source: Author, Digitized by PPRACHIN, SOA

ତୁତ ଗୋଟେ...

ତୁ ତ ଗୋଟେ ଫୁଲ
ତୁ କିଆଁ ଯାଉ ବଗିଚା ବୁଲି
ତୋଳିବା ପାଇଁ ଫୁଲ ॥

ତୁତ ଗୋଟେ ନଦୀ
ବହି ତୁ ଗଲେ ମନର ତଳେ
ମରମ ଯାଏ ଭେଦି ।
ତୁ ତ ଗୋଟେ ସିନ୍ଧୁ
ଜାଣି ହୁଏନା ତୁ କାହା ବଧୁ
ଅବା କାହାର ବଂଧୁ ।

ତୁ ତ ଗୋଟେ ପରୀ
ତୁ କିଆଁ ଖୋଜୁ ଜୋଛନା ରାତେ
ଆସେ କେ ନୀଳପରୀ ॥

ତୁ ତ ଖୋଲାବହି
କେବେ ତୁ ଗପ କେବେ କବିତା
ବୁଝି ମୁଁ ପାରୁନାହିଁ ॥

❑❑

ପ୍ରକାଶିତ–"ସମ୍ଭାର"–ଏପ୍ରିଲ୍–ଜୁନ୍–୨୦୦୨

Source: Author, Digitized by PPRACHIN, SOA

ନିରପେକ୍ଷ

ପ୍ରକୃତି ନିରପେକ୍ଷ
ନିରପେକ୍ଷ ଅନ୍ତରୀକ୍ଷ
ନିରପେକ୍ଷ ମାତାର ଜରାୟୁ ॥

ଅଭିଶାପ ନିରପେକ୍ଷ
ଆଶା ମଧ୍ୟ ନିରପେକ୍ଷ
ନିରପେକ୍ଷ ମାନବର ଆୟୁ ॥

ନିରପେକ୍ଷ ବିବେକ ଈଶ୍ୱର
ବିଚାର ସେ କରିପାରେ
ପ୍ରାପ୍ୟ କାର ଦଣ୍ଡ
ଆଉ କାର ପୁରସ୍କାର ॥

ପ୍ରକାଶିତ- 'କେଦାରଶ୍ରୀ'-୨୦୧୧

Source: Author, Digitized by PPRACHIN, SOA

କବିତା

ଯେଉଁ ସବୁ କବିତା
ଛାଆଁକୁ ଛାଆଁ
ମନକୁ ଆସିଥିଲା
ଆଉ ଧାଡ଼ିକି ଧାଡ଼ି
ଲେଖି ହୋଇ ଯାଇଥିଲା
ସେ ସବୁ ମନେ ପଡୁଛି
ଏବେ ଏଇ ମରଣ ଶେଯରେ ॥

ଅଥଚ
ଯାହାକୁ ମୁଁ ବହୁ ଚେଷ୍ଟାକରି
ଶବ୍ଦ ସବୁ ଯୋଡ଼ି ଯୋଡ଼ି
କବି ସମ୍ମେଳନରେ ପାଠ କରିଥିଲି
ପାଇଥିଲି କେତେ କରତାଳି
କାହିଁ ଧାଡ଼ିଏ ବି ମନକୁ ଆସୁନି
ଏଇ ମଶାଣି ଚିତାରେ ॥

❑❑

ପ୍ରକାଶିତ- 'ଧରିତ୍ରୀ ଛୁଟିଦିନ'- ୬/୩ /୧୧- ୧୨-୩-୧୧

Source: Author, Digitized by PPRACHIN, SOA

ଅଚିନ୍ତାରେ ଚିନ୍ତା

ଛିଡା ଲୁଗା ସବୁ ଏକାଠି ପରସ୍ତ ପରସ୍ତ
ଛୁଞ୍ଚିର ତାଡ଼ନା ସହି ପାଲଟନ୍ତି କନ୍ଥା ।
କୁହୁଡ଼ିର ବିଷପିଇ କାକର କାମୁଡାଖାଇ
ଝୁଲେ ଡାଳେ ଆମ୍ବକଷି ପେନ୍ଥା ।
ଗିରସ୍ତଠୁ ଗାଳିମାଡ଼ ଖାଇ
ହସି ହସି ଭାର୍ଯ୍ୟା
ସାଇତେ ତା କପାଳର ସୁନ୍ଥା ।

ମୋ ସାଂଗରେ ମୋର ଆଉ ଆସକ୍ତିର ଛାଇ
ଦେଖ ଦେଖ ସଦାବେଳେ କରନ୍ତି ଅହନ୍ତା
ଆଲୋକରେ ଥାଇ ଅବା ଅନ୍ଧକାରେ ରହି
ସ୍ୱପ୍ନରେ ଥାଇ ପୁଣି ଜାଗରଣେ ରହି
ମୋତେ ଟିକେ ନିରୋଳାରେ ମନଟା ବା ରହିବା ଦିଅନ୍ତା
ମୁଁ କରନ୍ତି ଅଚିନ୍ତାରେ ଯୀଶୁ ଆଲ୍ଲା ଈଶ୍ୱରଙ୍କ ଚିନ୍ତା ॥

❑❑

ପ୍ରକାଶିତ- 'ସ୍ମୃତିଲିପି'-ଜାନୁଆରି-୨୦୧୧

Source: Author, Digitized by PPRACHIN, SOA

ଦୁଇଟି ନଦୀର କଥା

ଇଯେ ଦୁଇଟି ନଦୀର କଥା
କିଏ ଗାଏ ଗୀତ କଳକଳ ସୁରେ
ଶିଳାରେ ପିଟେ କେ ମଥା ॥

ଏକ ନଦୀଜଳ ବଡ଼ ସୁଶୀତଳ
ଜୋଛନା ପଖଳା ତୀର
ବିଳାସୀ ନାବରେ ପୀରତି ଲାଳସୀ
ରଚିଯାଏ ଅଭିସାର ।
ଆନନଦୀ ଜଳ ତପ୍ତ ସଲୀଳା
ନିଗାଡେ ହୃଦୟ ବ୍ୟଥା
ଦୁଇଟି ନଦୀର କଥା ॥

ଏକ ନଦୀ କୂଳେ ପ୍ରୀତି କଦମ୍ବର
ଗହଳ ବହଳ ଛାଇ
ମୋହନ ବେଣୁର ଆଶାବରୀ ରାଗ
ଡାକୁଥାଏ ରାଇ ରାଇ
ଆନ ନଦୀ କୂଳେ ବାଲିଝଡ଼େ ଥରେ
ପତ୍ର ଝରା ଏକ ଲତା
ଦୁଇଟି ନଦୀର କଥା ॥

□□

ପ୍ରକାଶିତ "ଗୀତିକଂଗୋତ୍ରୀ" ଡିସେମ୍ବର୧୦-ଫେବୃୟାରୀ-୧୧

Source: Author, Digitized by PPRACHIN, SOA

ଦ୍ୱିତୀୟ ଈଶ୍ୱର

ଜୀବନର ଖରା ଛାଇ ଖେଳ
● କେବେ ପୁଣି କଣ୍ଟାଫୁଲ ମେଳ
ଖୋଜିବାକୁ ମିଳୁନାହିଁ ବେଳ
ଜିଇବାକୁ ଝାଳ କରି ଝୋଳ ।

କେବେ ରକ୍ତ ଚିତା କେବେ ସୁବାସ ଚନ୍ଦନ
କେବେ ଇନ୍ଦ୍ରଧନୁ କେବେ ଲାଭା ଉଦ୍‌ଗୀରଣ
କେବେ ପୁଣି ଶୀତଳ ନିର୍ଝର
କେବେ ଦଣ୍ଡ କେବେ ପୁରସ୍କାର ।

ସମଭାବେ ସମଦୃଷ୍ଟି ଦିଏ ଯେଉଁ ନର
ସେ ପାଲଟେ ଦ୍ୱିତୀୟ ଈଶ୍ୱର ॥

❑❑

ପ୍ରକାଶିତ "ସୃଜନ ମଂଜରୀ"-୨୦୧୬

Source: Author, Digitized by PPRACHIN, SOA

କ୍ଷୁଦ୍ରର ମହତ୍ୱ

କି ଲାଭ ହୋଇ ମୁଁ ଏକ ବିରାଟ ପାଦପ
ସହିବାକୁ ବାତ୍ୟାର ପ୍ରକୋପ ।
ଛୋଟ ଦୁବଟିଏ ହୋଇ ପାଏ ଯଦି ସବୁଜ ପ୍ରଲେପ
ଶିରେ ପିନ୍ଧି ମୋତିର ମୁକୁଟ
ବିରାଟ ନହୋଇ ସାଥି ବୁଝିବି ମୁଁ କ୍ଷୁଦ୍ରର ମହତ୍ୱ ।

ବିରାଟ ପାଦପ ହେଲେ ଦେଇପାରେ ମୁଁ ବହଳ ଛାଇ
ଉପୁଡି ପଡ଼ିଲେ କେବେ ପାରେ ବି ମୁଁ କା' ଜୀବନ ନେଇ
ଏଣୁ ଭଲ ଦୁବ କେରେ ପାରିଦେବି କୋମଳ ତଳପ
ପଥିକଟି ପାଦ ଥାପି ପାଇବତ ସୁଖରୁ ଅଳପ ।।

ବିରାଟ ପାଦପ ମୋର ଶାଖାରେତ ପକ୍ଷୀ ନୀଡ଼ ରଚେ
କୋଟରେ ମୋ ସର୍ପରହି ଉଜାଡେ ତା ସୁଖର ସଂସାର
ଏଣୁ ଭଲ ଦୂବକେରେ ଖୋଜିନେବ ସେ କେଉଁ ପୂଜକ
ଦେବତା ଚରଣେ ଲାଗି ଧୋଇଦେବ ଜୀବନୁ କା ପାପ ।

❑❑

ପ୍ରକାଶିତ 'ଆନନ୍ଦ' ୧୨ ବର୍ଷ-୨୦୧୬

Source: Author, Digitized by PPRACHIN, SOA

ଦୁଇଟି ଛୋଟ କବିତା

॥୧॥

ସାଗରେ ଢେଉର ଗୀତ
ଆକାଶେ ସମୀର ଗୀତ
ଫୁଲରେ ଭଅଁର ଗୀତ
ନଈରେ ନାଉରୀ ଗୀତ
ମରୁରେ 'ଲୁ'ର ଗୀତ
ବଣରେ ଝରଣା ଗୀତ
ମନରେ ପ୍ରୀତିର ଗୀତ
ହେଲେ...
କାହିଁ ସେ ଲୁହର ଗୀତ
କାହିଁ ସେ ଲହୁର ଗୀତ ॥

॥୨॥

ତୁମ ପାଦ ପଡ଼ିଲେ ସୁବର୍ଣ୍ଣ ପାଲଟିଯାଏ
ମୋ ମାଟି ଚଟାଣ
ତୁମ ପଣତ ଉଡ଼ିଲେ ମୋ ମଉଳା ବଗିଚାରେ
ଭରିଯାଏ ଫଗୁଣ
ତୁମ ଚେହେରା ଚହଟିଲେ ଓହ୍ଲେଇ ଆସେ
ମୋ ଅଗଣାକୁ ଜହ୍ନ
ଅୟି କବିତା !
ତୁମକୁ ମୋ ମଧୁ ଆମନ୍ତ୍ରଣ ॥

❑❑

ପ୍ରକାଶିତ- "ବନଫୁଲ" ପୂଜା-୨୦୧୨

Source: Author, Digitized by PPRACHIN, SOA

ଚୁମ୍ମା

ପ୍ରିୟା ଓଠେ ପ୍ରେମ ଭୋଳେ ଦିଏ ଯେବେ ଚୁମ୍ମା
ଅଗଣାରେ ଜମା ହୁଏ ଫୁଲ ଓ ଜୋଛନା ॥

ସନ୍ତାନ କପାଳେ ସ୍ନେହେ ଦିଏ ଯେବେ ଚୁମ୍ମା
ସାରା ଦୁନିଆର ସୁଖଶାନ୍ତି ହୁଏ ଜମା ॥

ପ୍ରେମିକା ଅଧରେ ଯେବେ ଥରେଦିଏ ଚୁମ୍ମା
ତୁଷାର ଶିଖରୁ ନିଆଁ ଖସି ହୁଏ ଜମା ॥

❑❑

ପ୍ରକାଶିତ "ନୀଳ କଇଁ" ପୂଜା-୨୦୦୯

Source: Author, Digitized by PPRACHIN, SOA

ଜୀବନ ଆସୁଛି ସରି

ଜୀବନ କ୍ରମଶଃ ମୋର ଯାଉଅଛି ସରି
କବିତା ଲେଖିବା ନିଶା ଯାଉନିତ ମରି ।
ଆୟୁଷ ପସରା ମୋର ହୋଇ ଆସେ ଖାଲି
ତଥାପି ଏ ଦୁନିଆ ତ ଲାଗେ ନାହିଁ ଖାଲି ।
ଏ ମାଟି ପାଣି ପବନ ତାର ସବୁଜିମା
ଛାଡ଼ିବାକୁ ମନ ମୋର ମାନୁନାହିଁ କ୍ଷମା
ସ୍ୱର୍ଗ ପାଇଁ ଲୋଭ ନାହିଁ
ନର୍କ ପାଇଁ ଡର ନାହିଁ
ମାଟିର ମଣିଷ ମୁଁ ମାଟିର ମମତା
ଛାଡି ହେଉ ନାହିଁ
ଜୀବନ ଯାଉଛି ସରି
ମନ ମାନୁ ନାହିଁ ।

❑❑

ପ୍ରକାଶିତ "କାଳାନ୍ତର" ୪/୧୨/୦୯

Source: Author, Digitized by PPRACHIN, SOA

ଅନେକରେ ଏକ...

ଅନେକ ଫୁଲ ଭିତରେ ବାରି ହୋଇପଡ଼େ
ଯେଉଁ ଫୁଲଟି
ତାର ରୂପ ଗନ୍ଧ ନିଆରା ।
ଅନେକ ସ୍ମୃତି ଭିତରେ ସଜଳ ହୋଇଉଠେ
ଯେଉଁ ସ୍ମୃତି ଟି
ତାର ଅନୁଭବ ନିଆରା ।
ଅନେକ ଗୀତ ଭିତରେ ବାରି ହୋଇପଡ଼େ
ଯେଉଁ ଗୀତ ଟି
ତାର ମୂର୍ଚ୍ଛନା ନିଆରା ।
ଅନେକ ବ୍ୟକ୍ତି ଭିତରେ ବାରି ହୋଇପଡ଼େ
ଯେଉଁ ମୁହଁଟି
ତାର ଆକର୍ଷଣ ନିଆରା
ସେ ମୁହଁରେ ଥାଏ ପୁଷ୍ପର ସୌନ୍ଦର୍ଯ୍ୟ
ସେ ମୁହଁ ପାଇଥାଏ ସ୍ମୃତିର ଅର୍ଘ୍ୟ
ସେ ମୁହଁରୁ ଝରୁଥାଏ ମଧୁର ସଂଗୀତ
ସେ ବ୍ୟକ୍ତି ଜୀବନ ଓ ସମାଜର ପୂଜିତ ॥

❑❑

ପ୍ରକାଶିତ "ଦୈନିକ ଖବର" ୨୫/୪/୧୦

Source: Author, Digitized by PPRACHIN, SOA

କବିତାକୁ ନେଇ କବିତା

କବିତା-
ତୁ ଏତିକି ସୁନ୍ଦରୀ
ତୋ ସୌନ୍ଦର୍ଯ୍ୟ
କରିଦେଲା ମୋତେ
ବିନ୍ଦୁରୁ ସିନ୍ଧୁ ।

କବିତା-
ତୁ ସୁକୁମାରୀ କୁମାରୀ
ତୋ କୌମାର୍ଯ୍ୟ
କରିଦେଲା ମୋତେ
ଦୁର୍ବାରୁ ଦାରୁ ।

କବିତା
ତୁ ମଦାଳସୀ ମାଧୁରୀ
ତୋ ମାଧୁର୍ଯ୍ୟ
ମୋତେ ମାଟିରୁ ନେଇଗଲା ଆକାଶ ।

କବିତା-
ତୁ ଏତିକି ଚତୁରୀ
ତୋ ଚାତୁର୍ଯ୍ୟ
ମୋତେ କରିଦେଲା
ମୂକରୁ ବାଚାଳ ।

❑❑

ପ୍ରକାଶିତ, 'ଅନନ୍ତ ନିର୍ଝର' ଏପ୍ରିଲ୍-ଜୁନ୍-୨୦୧୦

Source: Author, Digitized by PPRACHIN, SOA

ବର୍ଷା

ସମ୍ବର୍ତ୍ତକ ଆବର୍ତ୍ତକ ଦ୍ରୋଣ ବା ପୁଷ୍କର
ମେଘର ବିବିଧ ନାମ ପାଞ୍ଜିକାର ମତେ ।
ବର୍ଷାଦିଏ ଜୀବନ୍ୟାସ ଶୁଷ୍କଧରା ବୁକେ ।
ବର୍ଷାକାଳ ଉଦ୍‌ଭିଦ୍‌ର ମିତ୍ର
ମାତ୍ର ପଂକଜ ମରେ ନୁହେଁ ବିଚିତ୍ର
ବର୍ଷାକରେ ସୃଷ୍ଟିକୁ ମଧୁର ମଂଗଳ
ବର୍ଷା ବି ପ୍ରଳୟ ରଚେ ଅବା ମହାକାଳ
ବର୍ଷା ବି ବିରହ ଋତୁ ଆଉ ମିଳନର ।
ରାଈ ହୁଏ ପାଗଳିନୀ ବର୍ଷା ଆଗମନେ
ଧାଇଁଯାଏ ଘନଘୋର ରାତେ
ଯାବଟ ଦାଣ୍ଡରେ ଭେଟ ହେବେ କଳାକାହ୍ନୁ
ପ୍ରାଣପ୍ରିୟ ହଟିଆ ନାଗର
ବର୍ଷା ବି ବେପଥୁ ତୋଳେ
ମାନସିଂ ଲେଖନୀର ମୁନରେ ।।

❑❑

ପ୍ରକାଶିତ- "ସୂର୍ଯ୍ୟପ୍ରଭା" ୪/୭/୧୦

Source: Author, Digitized by PPRACHIN, SOA

ଦୁଇଟି ଛୋଟ କବିତା

ଚିଠି

ଦିନେ ଲଫାପା ଖୋଲିଲେ
ଚିଠିରୁ ଉଭରି ଆସୁଥିଲା
ମହମହ ବାସ୍ନା
ଆଜି ଲଫାପା ଖୋଲିଲେ
ତହିଁରୁ ମୁକୁଳି ଆସେ
ଦାଉ ଦାଉ ନିଆଁ

।। ପ୍ରେମ ପରିଭାଷା ।।

ଆକାଶୁ ଝରିଲେ ଜଳ
ନାଆଁ ତାର ବର୍ଷା
ଆଖିରୁ ଝରିଲେ ନିଆଁ
ନାଆଁ ତାର ଈର୍ଷା
କଣ୍ଠରେ ଆଣେ ଶୁଷ୍କତା
ନାଆଁ ତାର ତୃଷା
ମିଳିମିଶି ଗଢ଼ିଗଲେ
ପ୍ରେମ ପରିଭାଷା ।।

❑❑

ପ୍ରକାଶିତ "ଧରିତ୍ରୀ ଛୁଟିଦିନ" ୧୮/୭/୧୦ରୁ ୨୪/୭/୧୦

Source: Author, Digitized by PPRACHIN, SOA

ନ ରଖରେ ଭେଦଭାବ

ନାହିଁ ପୁଅଝିଅ ଭେଦଭାବ
ରୂପେ ଗୁଣେ ନୁହେଁ କେବେ ଅସମାନ
ମନେ ରଖ ଏଇ ଭାବ ।
ଧରମା ଯେମିତି ମୁଣ୍ଡିମାରି କୋଣାରକ
ଜଗତେ ରଖିଲା ଟେକ
କଳପନା ଆମ ଏଭେରେଷ୍ଟ ଚଢ଼ି
ନାଆଁ କମେଇଲା ଦେଖ ।
ପୁଅ ଝିଅ ଆମ ଗୋଟିଏ ଲତାରେ
ଦୁଇଟି ଫୁଟିଲା ଫୁଲ
ମାଟି ଆଉ ମାଆ କୋଳରେ ସେ ଦୁହେଁ
ଗଂଗା ବ୍ରହ୍ମପୁତ୍ର ଧାର ।
ବଡସାନ ବାଛ ବିଚାର ନକରି
ଦୁହିଁଙ୍କୁ ସମାନ ଭାବ
ନ ରଖରେ ଭେଦଭାବ ।
ପୁଅଝିଅ ପାଇଁ ସମାନ ସମାନ
ଗର୍ଭକଷ୍ଟ ଦଶମାସ
ଦୁହିଁଙ୍କ ପାଇଁ ଜନନୀ ବୁକୁରୁ
ଝରେ ଏକା ସୁଧାରସ,
ମନରେ ନରଖ ପାତର ଅନ୍ତର
ଦୁହିଁଙ୍କୁ ସମାନ ଭାବ,
ଜଣେ ଯଦି ହୁଏ ବିଜ୍ଞାନୀ କଲାମ
ଆଉ ଜଣେ ହେବ କଳ୍ପନା ଚାୱଲା
ଏ କଥା ମନରେ ହେଜ । ❑❑

ପ୍ରକାଶିତ- "ବେଦବ୍ୟାସ"-ଅକ୍ଟୋବର -୨୦୦୯

Source: Author, Digitized by PPRACHIN, SOA

କୁରୁକ୍ଷେତ୍ର ଆଜି ପ୍ରତିକ୍ଷେତ୍ର

ଅନ୍ୟୁତୁମେ କୁରୁକ୍ଷେତ୍ର
ଧର୍ମ ଅଧର୍ମ ପାପପୁଣ୍ୟ ମଧ୍ୟେ ସଂଗ୍ରାମ ଶେଷେ
ପାଲଟିଲ ମହାତୀର୍ଥ ।

ତୁମେ ଦେଖିଥିଲ ଅଭିମନ୍ୟୁ ସଂଗେ ଲଢ଼ିଥିଲେ ସପ୍ତରଥୀ
ତୁମେ ବି ଦେଖିଛ ଶରଶଯ୍ୟାରେ ପିତାମହ ଭୀଷ୍ମ ମହାରଥୀ
ତୁମେତ ଶୁଣିଛ ଶ୍ରୀକୃଷ୍ଣ ମୁଖୁ ପବିତ୍ର ଗୀତାସାର
ତୁମରି ବୁକୁରୁ ଶର ମୁନେ ପୁଣି ଝରିଥିଲା ଗଂଗାଧାର
ତୁମେ ବି ଦେଖିଛ ମାନୀ ଦୁର୍ଯ୍ୟୋଧନ ମିଛ ଅହମିକା
ହୋଇଥିଲା ଚୂର୍ଣ୍ଣିଭୂତ ।

ତୁମରି ବୁକୁରେ ଭାଇର ରକ୍ତରେ ଭାଇ ଖେଳିଥିଲା ହୋରି
ଲହୁ ଓ ଲୁହର ସାଗର ଭିତରେ ଭାସିଗଲା ପ୍ରାଣତରୀ
ଅକ୍ଷୟହେଲା ଧର୍ମ ଜଗତେ ପାପରାଶି ହେଲା କ୍ଷୟ
ଜନନୀ ସେ ତାର ଶତପୁତ୍ର ହାରି ନ ଆଣି ମନରେ ଭୟ
ଯୁଗଯୁଗ ପାଇଁ ରଖିଗଲା କୀର୍ତ୍ତି ଅମଳିନ ଓ ଅକ୍ଷତ ।

କେଉଁ ଯୁଗେ ଆମେ ପଢ଼ିଥିଲୁ ସିନା ତୁମେ ଏକ କୁରୁକ୍ଷେତ୍ର
ଆଜି ବି ଦେଖୁଛି ଏଇ ଆମ ଆଖି ଚଉଦିଗେ କୁରୁକ୍ଷେତ୍ର
ଧର୍ଷଣ ଲୁଣ୍ଠନ ସନ୍ତ୍ରାସବାଦର ଘଟିଚାଲେ ରକ୍ତପାତ
ମାନବ ହୃଦୟ ହୃଦୟ ମଧ୍ୟରେ ହଜିଛି ସଂପର୍କ ସ୍ନେହସୂତ୍ର
ଏ ସବୁ ଦୃଶ୍ୟ ଦେଖୁଥିବେ ଯଦି ବ୍ୟାସଦେବ ହେବେ ମୂକ ॥

❑❑

ପ୍ରକାଶିତ "ବେଦବ୍ୟାସ"-ପୂଜା-୨୦୧୦

Source: Author, Digitized by PPRACHIN, SOA

ପ୍ରେମ ଋତୁ

ଯେଉଁଠି ତ ଫୁଲଫୁଟା ଋତୁ
ଯେଉଁଠି ବି ମହୁଲୁଟା ଋତୁ
ସେଠି ଆସି ପହଞ୍ଚିବ ଆମ ପ୍ରେମଋତୁ ।

ଯେଉଁଠିତ ଜହ୍ନ ଉଠା ଋତୁ
ଯେଉଁଠି ତ କଇଁଫୁଟା ଋତୁ
ସେଠି ଆସି ପହଞ୍ଚିବ ଆମ ପ୍ରେମଋତୁ ।

ପ୍ରେମଋତୁ ପ୍ରୀତିମୟ କେବେ ସୁଖପ୍ରଦ
ଯେତିକି ସଂପଦ ଏଠି ସେତିକି ବିପଦ
କେବେ ଏଥି ଝଡ଼ ବହେ କେବେ ତ ମଳୟ
ତଥାପି ପ୍ରେମୀ କହନ୍ତି
ପ୍ରେମଋତୁ ଜୟ ।।

ଧରିତ୍ରୀ 'ଛୁଟିଦିନ' -୨୪/୧୦/୧୦-୩୦/୧୦/୧୦

Source: Author, Digitized by PPRACHIN, SOA

ଅମୃତମୟ ବିଷ

ସବୁଦିନ ବ୍ୟାଧି ବିଷରେ ଜଳୁଥିବା ଜୀବନଟି
ହେଉଥାଏ ଛଟପଟ
ଯେଉଁ ବିଷ ଔଷଧଟି ନିବାରଣ କରେ ତାର କଷ୍ଟ
ନୁହେଁ କି ତା ସାଧୁଜନେ ଅମୃତ ସଦୃଶ ।

ସଦା ସନ୍ଦେହରେ ଯାର ନୀଳ ବିଷେ ଜର୍ଜରିତ ଚିତ୍ତ
ରହସ୍ୟର ଉଦ୍‌ଘାଟନେ ଲୋଡାପଡ଼େ
ଯଦି ବିଷ ତୁଲ୍ୟ ଅତି କଟୁ ସତ୍ୟ
ସେ ବିଷକି ସାଧୁଜନେ ନୁହଁଇ ଅମୃତ ।
ଏଣୁ ବୋଧେ
ଛଳନାର ଅମୃତରୁ
ଖୁବ୍ ଭଲ ବିଷମୟ ସତ୍ୟ ।

❑❑

ପ୍ରକାଶିତ– 'ପରାଗ'–୨୦୧୦ ପୂଜାସଂଖ୍ୟା

Source: Author, Digitized by PPRACHIN, SOA

ଢେଉ

ଢେଉ ହୋଇ
ଦେଖିବାକୁ ଡରିଲେ
ବେଳାକୁ ଛୁମି ପାରିବିନି ।

ଢେଉ ତୁମେ
ଝଡ଼କୁ ସାମ୍ନାକର
କରିବାକୁ ଚାହଁ ଯଦି
ସ୍ନିଗ୍ଧ ଜ୍ୟୋସ୍ନା ସ୍ନାନ ।
ଢେଉତ ହୋଇଛ
କେବେ ଭୀମ କେବେ କାନ୍ତ
ଭଯେ ତୁମ ଜୀବନର
ଏ ପାଖ ସେପାଖ
କେତେବେଳେ ହସିବ ଆଲୋକେ
କେତେବେଳେ କାନ୍ଦିବ ଅନ୍ଧାରେ
ଏଣୁ ତୁମେ ଭୟଙ୍କରୀ ବନ୍ୟା
ପୁଣି ସାଗର ସୁକନ୍ୟା ॥

❑❑

ପ୍ରକାଶିତ "ଅନନ୍ତନିର୍ଝର"-ଅକ୍ଟୋବର-ନଭେମ୍ବର-୨୦୧୦

Source: Author, Digitized by PPRACHIN, SOA

ତିନିଟି ଏକପଦି

॥୧॥

ଯେ ମଧୁ ମଳୟ ଚୁମ୍ବନ ଦେଇ
ନିମ୍ବକୁ କରେ ଚଂଦନ
ସେ ପୁଣି କାହିଁକି ପ୍ରଣୟୀ ଛାତିରେ
ଦିଏ ବିରହ ଦହନ ॥

॥୨॥

ଇନ୍ଦ୍ର ଆଗରେ ରୂପସୀ ଉର୍ବଶୀ
ପାଦେ ତୋଳେ ଯେଉଁ ଛନ୍ଦ
ସେ ଉର୍ବଶୀ ଆଜି ଦେବଦାସୀ ସାଜି
ତୋଳେ ଶ୍ରୀମନ୍ଦିରେ ଛନ୍ଦ ।

॥୩॥

ଫୁଲ ପାଖୁଡ଼ାରେ ରଂଗ ଗଂଧରେ
ରହିଛି କବିତା ମହୁ
ସେ ମହୁର ମିଠା ଚାଖିବାକୁ କବି
ସହେ ଭାବନାର ଦାଉ ।

ଦୈନିକ ଖବର- ୨୦/୨/୧୧

Source: Author, Digitized by PPRACHIN, SOA

ଦୁଇଟି ଟୁଇଁ କବିତା

ଭୂଲ

ଜହ୍ନରାତିରେ ଝରଣା କୂଳେ ନ ବସି
ବସିଛି ମୁଁ ଖରାବେଳେ ମରୁପଥଧାରେ
ପାଦେ ଠେଲି ପତ୍ନୀର ସୋହାଗ
ମଧୁ ଚନ୍ଦ୍ର ତିଥି ପାଳେ ବାରନାରୀପୁରେ ।

ରକ୍ତଚାପ

ସଖି !
ରକ୍ତ ଚାପ ବଢ଼ିଗଲେ
ମଥାର ଘୂର୍ଣ୍ଣନ ।
ସେତେବେଳେ ଛାତିପରେ ତୁମ
ଖୋଜିଥାଏ ଘଡ଼ିଏ ବିଶ୍ରାମ ।

ରକ୍ତଚାପ କମିଗଲେ
ଲାଗେ ଯେବେ ଭାରି ଅବସନ୍ନ
ତୁମର ଆଶ୍ଲେଷ ତହୁଁ
ଭରିଦିଏ ରୋମେ ରୋମେ
ନବ ଶୀହରଣ ।।

□□

ପ୍ରକାଶିତ- "ସପ୍ତଫେଣୀ" ବିଷୁବ-୨୦୧୧

Source: Author, Digitized by PPRACHIN, SOA

ଦୁଇଟି ଛୋଟ କବିତା

॥୧॥

ହାତରେ ହାତ ମିଶିଲେ ହୁଏ ବଂଧୁତା
ଆଖିରେ ଆଖି ମିଶିଲେ ଜାଗେ ମାଦକତା
ଓଠରେ ଓଠ ମିଶିଲେ ଆଣେ ନିବିଡ଼ତା
ହୃଦୟେ ହୃଦୟ ମିଶିଲେ ମିଳେ ପବିତ୍ରତା
ଭୂମିରୁ ଭୂମାଯାଏ ଏହା ହିଁ ଅବିନଶ୍ୱରତା ॥

॥୨॥

ଆଙ୍କିଲେ ତୁମର ଛବି ହୁଏ ମୁଁ ଉନ୍ମନା
ହୃଦୟେ ମୋ ରାସଲୀଳା ଆଖିରେ ଯମୁନା
କେତେବେଳେ ମୀରା ତୁମେ କେତେବେଳେ ରାଧା
ଭକ୍ତିରେ ପ୍ରୀତି ମିଶାଇ ତୁମେ ମୋର ମୁଗ୍ଧା ॥

❑❑

ପ୍ରକାଶିତ "ନୀଳକଣ୍ଠ" ଏପ୍ରିଲ-ଜୁନ୍ ୨୦୧୧

Source: Author, Digitized by PPRACHIN, SOA

ଜୀବନର ଗୀତା ପାଠ

ବିବାହ ପୂର୍ବର
ପ୍ରୀତି-ଅନୁରାଗ
ବିବାହ ପରେ ପାଲଟେ
ସାଂସାରିକ ଜଂଜାଳର
ବିଷାଦ ଯୋଗ ।
ଏଇ ବୋଧେ
ଜୀବନର ଗୀତା ।

ଶ୍ରୀକୃଷ୍ଣ ଅର୍ଜୁନଙ୍କୁ
କହିଥିବା ଗୀତା ବାଣୀଠାରୁ
ଏହା କେତେଦୂର କେତେ ବା ନିକଟ
ବୁଝିହୁଏ ସ୍ୱାମୀ-ସ୍ତ୍ରୀ ପଢ଼ିଲେ ଏକତ୍ର
ଜୀବନର ବିଦ୍ୟାଳୟେ
ସାମାଜିକ ପାଠ ॥

❑❑

ରଚନା କାଳ ୨୭/୪/୧୧
ପ୍ରକାଶିତ "ଅନନ୍ତ ନିର୍ଝର" ଜୁଲାଇ-ସେପ୍ଟେମ୍ବର-୨୦୧୩

Source: Author, Digitized by PPRACHIN, SOA

ବିରହ

ଜାଣିଛି କଦମ୍ବ
ଯମୁନା ଛାତିରେ କେତେ ରାଧା ଲୁହ ମିଶେ
ଜାଣିଛି ଅଶୋକ ଶାଖା
ଶୋକଭିଜା ରାତି କେତେ ଉଜାଗରେ ବିତାଇଲେ ସୀତା ।

ଜାଣିଛି ଏ ଜହ୍ନରାତି
ସୋରିଷ ଫୁଲର ବାଟେ
କେମିତି ସେ ଠକିନେଇ
ନେଇଗଲା ନୀଳ ମାଧବରେ
ଭରିଦେଇ ଲଳିତାର ଛାତିତଳେ ନିଆଁ ।

ମିଳନଠୁ ବିରହର ସ୍ୱାଦ ବେଶୀ ମିଠା
ହେଲେ... ବୁଝେନା ଏ ପ୍ରେମ କିଆଁ
ବିରହ ମିଳନ ତାର
ଯୁଗେ ଯୁଗେ ସାଥି ସଖା, ବଂଧୁ ସହୋଦର
ବିରହ ଭିତରେ ଜଡି ମିଶିଗଲେ ମୀରା ପୁଣି କାହ୍ନାର ଦେହରେ ।

❑❑

ରଚନା କାଳ ୧୬/୩/୧୧

Source: Author, Digitized by PPRACHIN, SOA

ଅଂଧ ହେବା ପରେ...

ଅଂଧ ହେବା ପରେ
ଖାଇବା ଭାତ ଥାଳିକୁ
ଠେଲି ଦେଇ ଯାଇଛି ବହୁ
ମୁଁ ଅଣ୍ଡାଳି ଅଣ୍ଡାଳି ଖାଉଛି
କେତେବେଳେ ଥାଳିରୁ ଭାତ
କେତେବେଳେ ଚଟାଣରୁ ଆଳୁଚୋପା ।।

ଅଂଧ ହେବାପରେ
ମୋ ପୁଅ ଖବର କାଗଜ ମୋ ଉପରକୁ
ଫୋପାଡ଼ି ଦେଇଯାଇଛି
ମୋତେ ପଢ଼ି ଶୁଣାଇବାକୁ
ତାର ତର ନାହିଁ ।

ଅଂଧ ହେବାପରେ
ମୋ ନାତି ନାତୁଣୀ ଟି.ଭି.ର ଭଲ୍ୟୁମ୍ ବଢ଼ାଇ
ଦେଖୁଛନ୍ତି ଫ୍ୟାସନ୍ ସୋ ଚ୍ୟାନେଲ୍
ରାମାୟଣ ସିରିଏଲ୍ ଦେଖିବା ମୋ ଭାଗ୍ୟରେ କାହିଁ ।

ଅଂଧ ହେବା ପରେ
ମୋ ନିଜର ଦୁନିଆ କେତେ ବଦଳି ଯାଇଛି ସତେ !
ଆଲୋକ ଉତ୍ତାପକୁ ସହ୍ୟ ନକରି
ଏ.ସି. ଘରେ ରହୁଥିବା ଦେହଟା
ଏବେ କୋଇଲା ଖଣିର ଶ୍ରମିକପରି
ଛଟପଟ ହେଉଛି ।।

❑❑

ରଚନାକାଳ- ୩୧/୩/୧୩

Source: Author, Digitized by PPRACHIN, SOA

ଦୁଇଟି ମିନି କବିତା

ମଣିଷ

ପଂଚ 'ମ'କାର ଭିତରେ ଜିଇବା ହେଉଛି
ପଶୁତ୍ୱ
ପଂଚ 'ମ' କାର ଠାରୁ ଦୂରରେ ରହିବା ହେଉଛି
ଦେବତ୍ୱ
ପଶୁତ୍ୱ ଓ ଦେବତ୍ୱ ମଧ୍ୟରେ
ପାର୍ଥକ୍ୟ ବୁଝି ପାରୁଥିବା ଜୀବଟି
ମାନବତ୍ୱର ଅଧିକାରୀ ॥

॥ ପ୍ରେମ ॥

ଯୌବନ ପ୍ରେମର ସୌଦାଗର
ଜୀବନ ପ୍ରେମ ଗନ୍ତାଘର
ହୃଦୟ ପ୍ରେମ -ମନ୍ଦିର
ମରଣ ପ୍ରେମ-ସ୍ୱର୍ଗଦ୍ୱାର ॥

□□

ରଚନା କାଳ ୨୨/୪/୧୨

Source: Author, Digitized by PPRACHIN, SOA

ବର୍ଣ୍ଣବୋଧ-ବଂଚିବାର

ପଢ଼ିତ ଶିଖିନ ବର୍ଣ୍ଣବୋଧ ବଂଚିବାର
କେମିତି ବୁଝିବ ଇନ୍ଦ୍ରଜାଲ ମରଣର ।

ଦେଖିନାହଁ ଉଇହୁଙ୍କା କେମିତି ଜାଣିବ
ତା' ଭିତରେ ସର୍ପ ଅବା ଅଛନ୍ତି ବାଲ୍ମୀକି
ପୁଷ୍କରିଣୀ ଦେଖିନାହଁ କିପରି ବୁଝିବ
ସାତ ଦରିଆ ଡେଇଁଲେ ପବନର ସୂତ

ଧନୁ ତୀର ଧରି ନାହିଁ କେବେ ତୁମ ହସ୍ତ
କିପରି ଜାଣିବ ଶବ୍ଦ ଭେଦୀ ବାଣର ମହତ୍ତ୍ୱ
ଆଗ ଚିହ୍ନ ଆଗଜାଣ ଲୁହର ଓହଳ
ତେବେ ଯାଇ ଖୋଜି ବସ ସପନ ବହଳ ॥

❑❑

ରଚନା କାଳ- ୧/୬/୧୨

Source: Author, Digitized by PPRACHIN, SOA

ଡାଏରି: ସାଏରି

ଘଟୁଥିବା ଘଟଣାରେ ଲେଖାଯାଏ
ଜୀବନର ଡାଏରି
ଜାଗୁଥିବା ଭାବନାରେ ଲେଖା ହୁଏ
ମନତଳ ସାଏରି ।

ଡାଏରିରେ ଭରିଥାଏ ଲୁହ-ଲହୁ ହସ କାନ୍ଦ
ଉଆଁସ-ଜୋଛନା
ଜୀବନ-ଯନ୍ତ୍ରଣା

ସାଏରିରେ ଉଂକିମାରେ ଛୋଟ ବଡ଼ ସ୍ମୃତିର ଝଲକ
ପ୍ରେମ ପ୍ରତାରଣା
ଉଷ୍ମ ଉନ୍ମାଦନା ।।

ରଚନାକାଳ ୨୫/୯/୧୨

Source: Author, Digitized by PPRACHIN, SOA

ଦୁଇଟି ମିଥ୍ର କବିତା

କୌମାର୍ଯ୍ୟର
କୋମଳ ଅହଙ୍କାର ।
ମନ୍ତ୍ର ମୁଗ୍ଧ
ସୂର୍ଯ୍ୟ ଶିଖା ସ୍ପର୍ଶେ
ତରଳିଯାଏ
ଉତପ୍ତ ଲାଭା ସ୍ରୋତସମ
ଭସାଇ ଦିଏ
ସ୍ୱର୍ଣ୍ଣ ସଂପୁଟରେ
ଜରାୟୁ ସ୍ୱାକ୍ଷର ॥

xxx

ମହମହ ମୋହିନୀ ନିଶିଥେ
ନୀଳକଇଁ ଚକ୍ଷୁଦ୍ୱୟ
ହେଲେ ସ୍ୱପ୍ନାବିଷ୍ଟା
ବନ୍ଦି ହୁଏ ମଣିମୁକ୍ତା
ବୈଦୂର୍ଯ୍ୟ ପୌରୁଷ
ପ୍ରାରମ୍ଭିକ ଫଳ ତାର
ହେଲେ ବିଷମୟ
ପରବର୍ତ୍ତୀ ପର୍ଯ୍ୟାୟରେ
ଢାଳିଦିଏ ଦମ୍ପତ୍ୟ ପୀୟୂଷ ॥

ସବୁଯୁଗେ ସବୁକାଳେ
କୌମାର୍ଯ୍ୟ ଓ ପୌରୁଷର
ମଧୁର ମିଳନ

Source: Author, Digitized by PPRACHIN, SOA

ହୁଆନ୍ତାକି ଦାମ୍ପତ୍ୟର
ସ୍ୱାର୍ଣ୍ଣାଭ ଆବେଶ ।

ଧୂଳି ଧୂସରିତ
ଏଇ କଙ୍କରିଳ ଧାରା
ପାଲଟନ୍ତା
ସୁରଭିତ ପାରିଜାତ ଘେରା
ଇପ୍‌ସିତ ବୈକୁଣ୍ଠ !

❑❑

ପ୍ରକାଶିତ 'ଆନନ୍ଦ'- ୨୦୧୩

Source: Author, Digitized by PPRACHIN, SOA

ନିଆରା

ପ୍ରେମିକା ପାଖରେ ଥିଲେ-ଜହ୍ନର ଜୋଛନା ନିଆରା
ଫୁଲର ବାସନା ନିଆରା
ଦେହର କାମନା ନିଆରା
ମନର ଭାବନା ନିଆରା ॥

ପ୍ରିୟା ମୋ ପାଖରେ ଥିଲେ- ସୂର୍ଯ୍ୟର ଆଲୋକ ନିଆରା
ସ୍ୱପ୍ନର ପୁଲକ ନିଆରା
ଶରୀର ଚମକ ନିଆରା
ହୃଦୟ ରୋମାଞ୍ଚ ନିଆରା ॥

ପ୍ରେମିକା ଓ ପ୍ରିୟା ଯଦି ପାଖାପାଖି ଥିବେ
ସମୟର ସ୍ପନ୍ଦନ ନିଆରା
ବୟସର କଂପନ ନିଆରା
ଜୀବନର ଜ୍ୱଳନ ନିଆରା
ବୁକୁତଳ କଂପନ ନିଆରା ॥

ରଚନା କାଳ - ୧୨/୧୧/୧୨

Source: Author, Digitized by PPRACHIN, SOA

ଚିତ୍ରିତ ପୃଥିବୀ

ଶୁଭ୍ର ଉଷାର ମୁଁ ଟିକେ ରକ୍ତିମ ଆଭା
କାକର ବିନ୍ଦୁଏ ମୁଁ କୋଳକରେ ଦୁର୍ବା
ମୁଁ ମଳୟର ଟିକେ ସୁରଭି
ଆମ୍ର କୁଂଜେ କୁହୁ କୁହୁ ପୂରବୀ
ମୁଁ କେତେବେଳେ ଫେନାୟିତ ସାଗର
କେତେବେଳେ ତାରକିତ ଆଲୋକ ଦୁଆର ।
ମୁଁ କେତେବେଳେ ଜୀବନର ଚୈତ୍ର ଗୀତି
ପୁଣି କେବେ ଶ୍ମଶାନର ଜୁଇ ଦିକି ଦିକି ॥

ଜନ୍ମଠୁ ମରଣଯାଏ ଯେତେ
ସ୍ମୃତିକୁ ସାଉଁଟି
ଫେରିଯିବି ସେଇଠିକୁ ଥିଲି ଆଗେ ଯେଉଁଠି ।

ହେ ମୋର ଚିତିତ ଧରା ବିଚିତ୍ର ତୁମର ଦୃଶ୍ୟ
ହରି ପୁଣି ମିଶେଇ ଫେଡାଇ
ଖୋଜୁଚି ମୁଁ ତାର ଭାଗଶେଷ
ମିଳେ ତହୁଁ କିଛିଟା ସଂତୋଷ
କିଛି ଅବସୋସ ।

❑❑

ପ୍ରକାଶିତ ‘ଶ୍ୱେତ ସଂକେତ’ ପୂଜାସଂଖ୍ୟା- ୨୦୧୩

Source: Author, Digitized by PPRACHIN, SOA

ସଂସାର ନାଟ

ସାରା ଜୀବନ
ଡହଳବିକଳ ହୋଇ
ଉପାସିଆ ପେଟରେ
ଯିଏ ଗଲା ମଶାଣି ଗାତ
ତା' ପାଇଁ ରାନ୍ଧୁଛ
ଏବେ ମହ ମହ କଷାଖିଆ ଭାତ ॥

ସାରା ଜୀବନ
ଆଖି ଲୁହ ପିଇ ପିଇ
ଯିଏ ମେଣ୍ଟାଇଛି
ତାର ତଣ୍ଟି ଅଠା-ଶୋଷ
ତାକୁ ଟୋପେ ଗଂଗାଜଳ ଦେଇ
ମନେମନେ ଭାବିନିଅ ।
ଦେଖାଇଲ ସରଗକୁ ବାଟ
ଧନ୍ୟ ଏଇ ସଂସାରର ନାଟ ।

❑❑

ପ୍ରକାଶିତ "ଧରିତ୍ରୀ ଛୁଟିଦିନ"-୧୩-୧୯ ମଇ-୨୦୧୨

Source: Author, Digitized by PPRACHIN, SOA

କବିତାର କଥା

କବିତା ମୋ କଥାକହେ ଲାବଣ୍ୟ ବତୀର
କବିତା ବି କଥା କହେ ଆମ ଗାଆଁ ଲବଣୀ ବେଓ୍ୱାର ।
କବିତା ମୋ ଖୁଲଣା ସୁନ୍ଦରୀ
କେବେ ପୁଣି କାନ୍ଦଣା ଲହରୀ
କବିତା ମୋ କେତେବେଳେ
ଉଦ୍ଧବଙ୍କୁ ଭାଗବତ: ଅର୍ଜ୍ଜୁନଙ୍କୁ ଗୀତା ।
କବିତା ମୋ କଥା କହେ
ଅତି ମାନସର
କେବେ ପୁଣି ପ୍ରିୟତମ ଚିନ୍ତା
କବିତା ମୋ କଥାକହେ ସାତତାଳ ପ୍ରାସାଦର
ଚର୍ବ୍ୟ ଚୋଷ୍ୟ ଲେହ୍ୟର ସିମ୍ଫୋନୀ
କେବେ ପୁଣି କାନ୍ଦେ ସିଏ ଦରିଦ୍ର କୁଟୀରେ
ଅନ୍ନବିନା ବସ୍ତ୍ରବିନା ବାହୁନି ବାହୁନି ।
କବିତା ବନ୍ଦିନୀ କେବେ ଅଶୋକବନରେ
କେବେ ଇରାନୀ କିଶୋରୀ ସହକାର ତଳେ
କବିତା ଶିଖାଏ ଜନ୍ମମୃତ୍ୟୁର ରହସ୍ୟ
କବିତା ମୋ ଉପବାସୀ ମନେ
କାର୍ତ୍ତିକର ପଂଚକ ହବିଷ୍ୟ,
କବି ଓ କବିତା ମଧ୍ୟେ ବଢ଼ିଚାଲେ ଯେତିକି ଦୂରତା
ପାଠକ ପାଇଁ ପରଶେ ସେତିକି ଶଠତା ।
ଏଣୁ କବିତାର ବାର୍ତ୍ତା ବଂଧୁ କାନଡ଼େରି ଶୁଣ
ଛୁଇଁ ଯାଉ ଦେହମନ ତୁମ ପଂଚ ପ୍ରାଣ ।

❑❑

ପ୍ରକାଶିତ "ଦୈନିକ ଖବର"- ୩/୩/୧୨

Source: Author, Digitized by PPRACHIN, SOA

ତିନିଟି ଏକ ପଦି

।।୧।।

କଦମ୍ବ ଫୁଲଙ୍କ ପାଏ
ପହିଲୁ ଆଷାଢ଼ ଛୁଆଁ
ତମହାତ ପହିଲି ପରଶେ
ମୋ ଛାତିରେ ଜଳି ଉଠେ ନିଆଁ ।।

।।୨।।

ବର୍ଷାରେ ଯେତେ ବିରହ
ସେତିକି ମିଳନ
ଯେମିତି ଗୋଲାପେ ଥାଏ
କଣ୍ଟା ଆଉ ମଧୁ ସମ୍ମିଶ୍ରଣ ।।

।।୩।।

ବର୍ଷା ହେଲେ ପ୍ରିୟା ଭାବେ
ତା ସଂସାର ଚୁଲି ଚାଳ କଥା
ବର୍ଷା ଆଣେ ପ୍ରେମିକାର
ଉଷ୍ମ ଦୀର୍ଘଶ୍ୱାସ
ପୁଣି-ପୂର୍ଣ୍ଣ ନିରବତା ।।

❑❑

ପ୍ରକାଶିତ- 'ଧରିତ୍ରୀ ଛୁଟିଦିନ' ତା ୭-୧୩-୨୦୧୩

Source: Author, Digitized by PPRACHIN, SOA

ଛାତି ତଳ

ଛାତିତଳ
ବେଳେବେଳେ ଲାଗେ ନିଛାଟିଆ
ଠିକ୍ ରୌଦ୍ର ଦଗ୍ଧ ଦ୍ୱିପ୍ରହର ପରି ।
ଦେଖିତ ହୁଏନା
ଅନୁଭବ କରିହୁଏ
ଧୂଉ ଧୂଉ ମରୁବାଲି ତାତି ।

ଛାତିତଳ
ବେଳେବେଳେ ଲାଗେ ଅଂଧାରୁଆ
ଠିକ୍ ଘନଘୋର ଶ୍ରାବଣ ରଜନୀ
ସତେ ଅବା କାହ୍ନୁ ପାଇଁ
ରାଇ କାନ୍ଦେ ବାହୁନି ବାହୁନି ।
ଛାତିତଳ
ବେଳେବେଳେ ଲାଗେ ବେପରୁଆ
ପ୍ରସ୍ଫୁଟିତ ଫୁଲ ପରି ମହୁଆ ମହୁଆ
ପ୍ରତି ଶିରା ପ୍ରଶିରାରେ ମିଠା ମିଠା ନିଆଁ ॥
ଛାତିତଳ
ବଡ ଅବିଶ୍ୱାସୀ
କେତେବେଳେ ସ୍ୱର୍ଗଠୁ ନରକ
କେବେଶୁଣି ଆକାଶୁ ପାତାଳ
ଘେରିଯାଏ ଘନ ଅନ୍ଧକାର
ପୁଣି ଘଡ଼ିକରେ ଜ୍ୟୋସ୍ନାର ଜୁଆର ॥

❑❑

ପ୍ରକାଶିତ 'ବଂଧୁ' କବିତା ସଂକଳନ- ୨୦୧୪

Source: Author, Digitized by PPRACHIN, SOA

ଦୁଇଟି କୁନି କବିତା

॥୧॥

ରାତିହେଲେ
ଶୋଇଯାଏ ଦେହ
ଚେଇଁ ଉଠେ ମନ ।
ରାତିହେଲେ
ମୁଦିହୁଏ ଆଖି
ଜାଗିଉଠେ ସ୍ୱପ୍ନ ।

ରାତିହେଲେ
ଅଂଧାରୁଆ ଲୁହ
ତୋଫା ଜହ୍ନ ହସ
ଯେମିତି କୋଳେଇ ନିଏ
ନୀଳିମା କାଳିମା ସାଥେ
ରୂପେଲି ଜୋଛନା
ରାତିର ଆକାଶ ॥

॥୨॥

ପେଟର ଭୋକ ମେଣ୍ଟାଏ ଭାତ
ଆଖିର ଭୋକ ମେଣ୍ଟାଏ ଦୃଶ୍ୟ
ପାଦର ଭୋକ ମେଣ୍ଟାଏ ପଥ
ଦାନର ଭୋକ ମେଣ୍ଟାଏ ହାତ
କାନର ଭୋକ ମେଣ୍ଟାଏ ଗୀତ
ମରଣ ଭୋକ ମେଣ୍ଟାଏ ମୋକ୍ଷ ॥ ❑❑

ପ୍ରକାଶିତ 'ଅନନ୍ତ ନିର୍ଝର' ପୂଜା-୨୦୧୨

Source: Author, Digitized by PPRACHIN, SOA

ସେ ଯେ ମୋର ପ୍ରାଚୀ

ଆକାଶ ଗଭାରୁ ତାରାଫୁଲ ଗଲେ ଖସି
ଲାଜୁକୀ ଓଠେ ପହିଲୁ ଯିଏ ଦିଏ ହସି
ସେ ଯେ ମୋର ପ୍ରାଚୀ ॥

କାକଳି କଳାପ କୁହୁ ଯେବେ ଝରିଯାଏ
ଶିରି ଶିରି ବାଆ ଯେବେ ଝିରିଝିରି ବହେ
ଝିଂ ଝିଂ ଝିଂକାରିକୁ କା-କା କାକ
ସାରୁ ବୁଦାମୂଳେ ବେଂଗ ସୁଖେ ଦିଏ ଡାକ
ଚକ୍ରଧର ରକ୍ଷାକର କହେ ଶୁକ ପକ୍ଷୀ
ଶେଯରେ ମୁଁ ବାତାୟନେ ଚାହେଁ ଦୂରେ ପ୍ରାଚୀ ।

ବଗିଚାରେ ଫୁଟି ବାସେ ଜାଇ ଯୂଇ ହେନା
ଶେଫାଳି ନିରବେ ଝରେ ଧୂଳିପରେ ସିନା
ଦେବାଳୟେ ଶୁଭିଯାଏ ପ୍ରଭାତୀ ଆଳତି
ଭକତ ତା ବିଭୁପାଦେ ଜଣାଏ ପ୍ରଣତି
ସରସୀରୁ ସରସିଜ ମେଲେ ଯେବେ ଆଖି
ମୂରୁଜ କୋଳରେ ଧରି ହସେ ମୋର ପ୍ରାଚୀ ॥

❑❑

ପ୍ରକାଶିତ 'ଚାହାଣି' ପୂଜାସଂଖ୍ୟା-୨୦୧୪

Source: Author, Digitized by PPRACHIN, SOA

କେତୋଟି ଟିକି କବିତା

॥ ଏକ ॥

ସନ୍ଦେହ ଓ ଅବିଶ୍ୱାସର ଊର୍ଦ୍ଧ୍ୱରେ
ଯେଉଁ ପ୍ରେମ
ତାହା ସଦା ସମୁଜ୍ଜ୍ୱଳ ।
ଛଳନା ଓ କପଟତାର ଊର୍ଦ୍ଧ୍ୱରେ
ଯେଉଁ ମନ
ତାହା ବଡ଼ ନିରିମଳ ।

॥ ଦୁଇ ॥

ଖୋଲିଦିଅ କର୍ଣ୍ଣ ଦୁଇ
ଭାସିଆସୁ ଚାରିଦିଗୁ ଶୁଭଙ୍କରା ବାର୍ତ୍ତା
ବନ୍ଦକର ହୃଦୟ କପାଟ
ଫେରିଯାଉ ଘୃଣା କ୍ରୋଧ ହିଂସା ଆଉ ଈର୍ଷା ॥

॥ ତିନି ॥

ଆକାଶ ଢ଼ାଳିଲେ ଲୁହ ନାଆଁ ତାର ବର୍ଷା
ମେଣ୍ଟାଏ ସେ ମାଟିର ପିପାସା
ଆଖିରୁ ଝରିଲେ ଲୁହ ସାଥେ ନେଇ ବିରହ ହତାଶା
ବଢ଼ାଏ ସେ ମିଳନ ପିପାସା ।

❑❑

ପ୍ରକାଶିତ "ଗଂଗଶିଉଳି" ପୂଜା-୨୦୧୪

Source: Author, Digitized by PPRACHIN, SOA

କେତୋଟି ଏକପଦୀ

॥୧॥

ଲୁହରେ ଲେଖିଲି ଲହୁରେ ଆଙ୍କିଲି
ମୋ ଜୀବନ ଇତିହାସ
କେହି ପଢ଼ିଲେନି କେହି ବୁଝିଲେନି
କଲେ ଖାଲି ଉପହାସ ॥

॥୨॥

ଅନେକ ତପସ୍ୟା ପରେ ଲଭିଛୁ ଏ ମାନବ ଜନମ
ସୃଷ୍ଟିକର ମନୋରମ ସ୍ରଷ୍ଟାଙ୍କୁ ବି କର ମହୀୟାନ ॥

॥୩॥

ଫୁଲ ପାଖୁଡ଼ାରେ ରଂଗ ଗଂଧର
ରହିଛି କବିତା ମହୁ
ସେ ମହୁର ମିଠା ଚାଖିବାକୁ କବି
ସହେ ଭାବନାର ଦାଉ ॥

॥୪॥

କଅଁଳିଆ ଦୁବ ପତରରେ ଦେଖ ସକାଳ ସୁନାର ଖରା
କେଉଁ ଜହ୍ନରୀ ସେ ଏ ସୁନାକୁ ନେଇ କାଟିବ କଷଟି ଗିରା ॥

❑❑

ପ୍ରକାଶିତ "ସୁଧା" ସଂସ୍କରଣ- ୨୦୧୪

Source: Author, Digitized by PPRACHIN, SOA

ଦୁଇଟି କ୍ଷୁଦ୍ର କବିତା

।। ପ୍ରତାରଣା ।।

ବଢ଼ିଲା ନଈରେ ଉଛୁଳା ଗୋଳିଆ ପାଣି
ଦୁଇ କୂଳଯାଏ ଖାଇ
ଝୁରିଲା ମନର ଘାଇଲା ଭାବନା ଆଣି
ଗଲା ଛାତି ଚିରିଦେଇ
କିଏ ହେବ ସିଏ ସହୀ
ପ୍ରଣୟ ନାଆଁରେ ପ୍ରତାରଣା କଲା
ଛଇଳୀ ମଉନ ମୁହିଁ ।

।। ବିରହିଣୀ ।।

ଭିଜେଇତ ପାରିଲିନି ଭିଜିବି ଭିଜିବି
ଜଳେଇବି ପାରିଲିନି ଜଳିବି ଜଳିବି
ବାଜୁପଛେ ଅପବାଦ ନାଗରା
କଥାରେ କି କାମନାରେ
କପଟ ରଖିବି ନାହିଁ
ଢ଼ାଳିଦେବି ଲହୁଲୁହ ଅସରା ଅସରା

❑❑

ପ୍ରକାଶିତ "ବରିଶ୍ରୀ" ଜୁନ-୨୦୧୫

Source: Author, Digitized by PPRACHIN, SOA

କୋଡୋଟି ଏକପଦି କବିତା

॥୧॥

ପ୍ରେୟସୀ ମୋର ଉର୍ବଶୀ ପରି
ଯେବେହୁଏ ନୃତ୍ୟରତା
ମନେମନେ ଭାବେ ନିଜକୁ ଇନ୍ଦ୍ର
ଚାରିଦିଗେ ଖେଳେ ପାରିଜାତ ଗନ୍ଧ
ସୁଧର୍ମା ସଭାରେ ବସି ଅନୁଭବେ
ଜୀବନର ସାର୍ଥକତା ॥

॥୨॥

ରାତି ମିଠା ଲାଗେ ନିଦସଂଗେ ଯେବେ
ସପନପୁଲକ ମିଶେ
ପ୍ରଣୟବି ମିଠା ପ୍ରିୟା ଓଠେ ଯେବେ
ଦୁଷ୍ଟାମି ହସ ଦିଶେ ॥

॥୩॥

ବିଷ ବିଷ ପୁଣି ବାସୁକୀର ବିଷ
ଫୁତ୍କାରେ ଯେତେ ଜ୍ୱାଳା
ବିଷ ନୀଳବିଷ ଛଳନାର ବିଷ
ଦିଏ ସବୁଠାରୁ ଜାଳା ॥

❑❑

ପ୍ରକାଶିତ "ସ୍ମୃତିଲିପି"-୨୦୧୬

Source: Author, Digitized by PPRACHIN, SOA

ବସନ୍ତ ମୋ ପାଇଁ ବୈଶାଖି ଡହକ

ବସନ୍ତ ମୋ ପାଇଁ ଆଜି ବୈଶାଖି ଡହକ
ଜୀବନର ବାଟ ଖାଲି ଧୂସର ଦିଗନ୍ତ ।
ଦିନେ ଲେଖିଥିଲି ଚିଠି ଗୋଲାପି ଗୋଲାପି
ଆଜି ସେ ଚିଠିରେ ଖାଲି ଲୁହ ଥୋପି ଥୋପି ॥

ବସନ୍ତରେ ଯାହାଥିଲା କୋମଳ ପଲ୍ଲବ
ଆଜି ତହିଁ ଭରା ଖାଲି ରୁକ୍ଷ ଅବସାଦ
ବହୁଛି କହନ୍ତି ସର୍ବେ ମଳୟ ମଧୁର
ମୋତେ ସିଏ ଲାଗେ ଆଜି ମରୁ ହାହାକାର
କୋଇଲିର ଗୀତ କାଳେ ଶୁଭେ କୁହୁ କୁହୁ
ମୋ କାନରେ ବାଜେ ଖାଲି ଯନ୍ତ୍ରଣାର 'ଉହୁ'
ଏ ଧରା ସୁଷମା ଆଉ ତା' ସୃଷ୍ଟି ସମ୍ଭାର
ମୋ ଜୀବନ ପାଇଁ ଆଜି ସକଳ ଅସାର ।
ଆଜି ଖାଲି ସାଥିମୋର ଲୁହ ଆଉ କୋହ
କିପରି କାଟିବି କାଳ ବଡ଼ ଦୁର୍ବିସହ ।
ହେ ପ୍ରଭୁ ନୁହ ନିର୍ଦ୍ଦୟ ନେଇଯାଅ ପାଶେ
ଦୁନିଆଟା ଲାଗିଲାଣି ନିଛାଟିଆ ମୋତେ ॥

❑❑

ରଚନାକାଳ ୧୮/୩/୧୭

ବି.ଦ୍ର. ସ୍ତ୍ରୀ ବିୟୋଗର ୨୮/୨/୧୭ ପରେ ଏହା ପ୍ରଥମ ରଚନା

Source: Author, Digitized by PPRACHIN, SOA

ଅନ୍ୟ ଏକ ଶ୍ରବଣ କୁମାର

ଶୁଣିଥିଲି ଜଣେ ଶ୍ରବଣ କୁମାର
ତାର ଅଂଧ ବାପା ମା'ଆଙ୍କୁ କାନ୍ଧରେ ବସାଇ
ତୀର୍ଥ ପର୍ଯ୍ୟଟନ କରାଇ ଥିଲା
ହେଲେ ତାର ଏଇ ମାତୃପିତୃ ଭକ୍ତିର ଫଳ ସ୍ୱରୂପ
ହେଲା ଶବ୍ଦଭେଦୀ ବାଣର ଶୀକାର
ବିଧିର କି ବିଚିତ୍ର ବିଚାର ॥

ପଢ଼ିଥିଲି ଖବରକାଗଜ ପୃଷ୍ଠାରୁ
ଏ ଯୁଗର ଆଉ ଜଣେ ଶ୍ରବଣ କୁମାର
ଭାରତବର୍ଷର ବିଭିନ୍ନ ତୀର୍ଥ ସ୍ଥଳକୁ
ତାର ପିତାମାତାଙ୍କୁ କାନ୍ଧରେ ବହି ନେବାର
ସାହସ ବାନ୍ଧିଥିଲା; ଏବେ ଆଉ
ତଥ୍ୟତାର କାହିଁକି ମିଳୁନି
ହୁଏତ
ସାମ୍ବାଦିକଙ୍କ ଦୃଷ୍ଟି ଆକର୍ଷଣ ପାଇଁ
ସମ୍ବଳ ତା ନାହିଁ ।

ଆଉ ଜଣେ ପୁଅ ଅସୀମ ପିତୃମାତୃ ଭକ୍ତିଯୋଗୁ
ଏ ଯୁଗର ଗମନାଗମନର ସର୍ବୋତମ ସୁବିଧା ମାଧମେ
ଯଦି ଅନେକ ତୀର୍ଥ ସ୍ଥାନକୁ ନେଇଯାଇ ପାରିଲା
ସିଏ କ'ଣ ହେବନି ଶ୍ରବଣ କୁମାର
ଏଇ ପ୍ରଶ୍ନ ପଚାରେ ତା' ମାଆ ସେ ପାରିରୁ
କିଏ ଦେବ ତାହାର ଉତ୍ତର ॥

❑❑

ରଚନା କାଳ-୫/୪/୧୭

Source: Author, Digitized by PPRACHIN, SOA

ତୁମେ ଅଛ: ତୁମେ ନାହଁ

ତୁମ ବଗିଚାରେ ଫୁଲ ଫୁଟିଛି
ସେଥିରେ ତୁମ ହାତର ବାସ୍ନା
ତୁମ ଅଗଣା ଆଜି ଖାଁ ଖାଁ
ଝରୁନାହିଁ ତୁମ ପାଦର ଝର୍ଣ୍ଣା ॥

ଆକାଶରେ କାଳେ ରହିଛି ତାରକା
ମୋତେ ଦିଶେ ମାତ୍ର ଦୁଇଟି
ତୁମ ଦୁଇ ଆଖିର କବିତା ॥

ବାହାରେ ଫଗୁଣର ମେଳା
ସେଥିରେ ଟିକେବି ନାହିଁ ତମ ଓଠର ରଂଗ ।
କାକଳି କଳାପ କୁହୁ ଥିଲେ ବି
ହଜିଯାଇଛି ଜୀବନର ଛନ୍ଦ
ତୁମେ ଅଛ ନା - ନାହଁ
ଏଇ ମୋର ଭାବନାର ଦ୍ୱନ୍ଦ ॥

ରଚନାକାଳ - ୪/୪/୧୭

Source: Author, Digitized by PPRACHIN, SOA

ପ୍ରଣମାମି ମାତୃଗର୍ଭ

ଜନ୍ମ ଦେଇଛୁ କୃଷ୍ଣଙ୍କୁ
ଜନ୍ମ ଦେଇଛୁ ରାମଙ୍କୁ
ଜନ୍ମ ଦେଇଛୁ ଯୀଶୁଙ୍କୁ
ଜନ୍ମ ଦେଇଛୁ ଗାନ୍ଧିଙ୍କୁ
ହେ ମୋର ନମସ୍ୟ ମାତୃଗର୍ଭ
ପ୍ରଣାମ । ପ୍ରଣାମ ।।

ଜନ୍ମ ଦେଇଛୁ କଂସକୁ
ଜନ୍ମ ଦେଇଛୁ ରାବଣକୁ
ଜନ୍ମ ଦେଇଛୁ ଧର୍ମାନ୍ଧକୁ
ଜନ୍ମ ଦେଇଛୁ ହତ୍ୟାକାରୀଙ୍କୁ
ହେ ମୋର ମାତୃଗର୍ଭ
ପ୍ରଣାମ । ପ୍ରଣାମ ।।

ଜନ୍ମ ଦେଇଥିଲା ତୋ ଗର୍ଭ ରତ୍ନାକରକୁ
ପରିସ୍ଥିତି କଲା ତାକୁ ବଲ୍ମିକି ।
ଜନ୍ମଦେଇଥିଲା ତୋ ଗର୍ଭ ଚଣ୍ଡାଶୋକ
ପରିସ୍ଥିତି କଲା ତାକୁ ଧର୍ମଶୋକ
ଏଣୁ ହେ ମୋର ମାତୃଗର୍ଭ
କାଳେକାଳେ ତୁ ନମସ୍ୟା
ଘେନମୋର ସହସ୍ର ପ୍ରଣାମ ।।

❑❑

ରଚନା କାଳ- ୧୪/୪/୧

Source: Author, Digitized by PPRACHIN, SOA

ନନ୍ଦ କିଶୋର ସିଂହ

ଜନ୍ମ ୧୫/୫/୪୨ (ସାର୍ଟିଫିକେଟରେ) ୧୩୪୭ ସାଲ ମେଷ ମାସ ୨୭ ଦିନ (ଜାତକରେ)

ଜନ୍ମସ୍ଥାନ- ଯାଜିପୁର ଜିଲ୍ଲା, କୋରେଇ ଥାନାର ସାଜକ ପୁର (ଶଂଖପାରି) ଗାଆଁ

ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ସଂଗୀତନାଟକ ଏକାଡେମୀ, ଉତ୍କଳ ସାହିତ୍ୟ ସମାଜ ତଥା ଓଡ଼ିଆ ଗୀତିକବି ସମାଜ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଗୀତିକବି ଓ ଶିଶୁ ସାହିତ୍ୟିକ ନନ୍ଦ କିଶୋର ସିଂହଙ୍କର ଏହା ଷଷ୍ଠ ଗୀତିକବିତା ସଂକଳନ । ଅବଶ୍ୟ ଏ ସଂକଳନଟିରେ କବି ପଚାଶ ଗୋଟି କ୍ଷୁଦ୍ର କବିତା ମଧ୍ୟ ସ୍ଥାନିତ କରିବାର ଲୋଭ ସମ୍ବରଣ କରିପାରିନାହାନ୍ତି ।

ଇତିପୂର୍ବରୁ କବିଙ୍କ 'ଗୀତିଗୁଚ୍ଛ' ୧୯୭୦, 'ଗୀତି ଓ ଗଜଲ' ୧୯୭୭, 'ଇଚ୍ଛାବତୀ ନଦୀ' ୧୯୯୭ 'ନନ୍ଦକିଶୋର ଗୀତିବିଚିତ୍ରା' ୧୯୯୯(ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ) ଏବଂ 'ନନ୍ଦକିଶୋରଙ୍କ ଶ୍ରେଷ୍ଠ ୧୦୧ ଗୀତି' ୨୦୧୩ ପ୍ରକାଶପାଇ ସାରିଛି । ଏତଦ୍‌ବ୍ୟତିତ କବିତା, ନାଟକ, ଉପନ୍ୟାସ, ଶିଶୁ ସାହିତ୍ୟ, ପ୍ରବନ୍ଧ, ରମ୍ୟରଚନା, ଅନୁବାଦ ଆତ୍ମଜୀବନୀ ସମେତ ନବସାକ୍ଷରଙ୍କ ପାଇଁ ରଚିତ ବିଭିନ୍ନ ବିଭାଗର ବିଭିନ୍ନ ସ୍ୱାଦର ପ୍ରାୟ ଷାଠିଏ ଖଣ୍ଡ ପୁସ୍ତକ ପ୍ରକାଶ ପାଇ ସାରିଛି ।

କୋରାଇ ମଣ୍ଡଳ ସାହିତ୍ୟ ସଂସଦର ସଭାପତି ତଥା ନନ୍ଦକିଶୋର ସିଂହ ପଲ୍ଲୀବିକାଶ ସାଂସ୍କୃତିକ ଫାଉଣ୍ଡେସନର ଅଧ୍ୟକ୍ଷ ଭାବେ ସେ ସାରସ୍ୱତ ଓ ସମାଜ ସେବାରେ ନିମଗ୍ନ । ଦୀର୍ଘ ବାରବର୍ଷ ଧରି 'ବୋଲେ ହୁଁ ଟି' ପତ୍ରିକା ନିରବଚ୍ଛିନ୍ନ ଭାବେ ପ୍ରକାଶିତ ହେବାପରେ ଏବେ ଫାଉଣ୍ଡେସନର ମୁଖପତ୍ର ଭାବେ ବାର୍ଷିକ ବୟସ୍କ ଦିବସ ବିଶେଷାଙ୍କ ଭାବେ ଆତ୍ମ ପ୍ରକାଶ କରୁଛି ।

ତାଙ୍କର ଲେଖନୀ ଏବେବି ଥକି ପଡ଼ିନି, ବିଶେଷତଃ ବିଭିନ୍ନ ସମ୍ବାଦ ପତ୍ରରେ ସାଂପ୍ରତିକ ସମସ୍ୟାକୁ ନେଇ ସେ ସ୍ତମ୍ଭକାର ଭାବେ ନିଜର କର୍ତ୍ତବ୍ୟ କରି ଚାଲିଛନ୍ତି ।

ସେ ମଧ୍ୟ ରାଜ୍ୟ ଓ ଜାତୀୟ ସ୍ତରୀୟ ସରକାରୀ ଓ ବେସରକାରୀ ପୁରସ୍କାର ଚୟନ କମିଟିର ସଭ୍ୟଭାବେ ନିଷ୍ଠାର ସହ କାର୍ଯ୍ୟ ନିର୍ବାହ କରି ଆସୁଛନ୍ତି ।

Source: Author, Digitized by PPRACHIN, SOA